ମାର୍ଚ୍ଚ- ୨୦୧୮

॥ଓ୩ମ୍॥

ମୂଲ୍ୟ ପ୍ରତିଖଣ୍ଡ - ୧୦ ଟଙ୍କା

ଗୁରୁକୁଳ ଆଶ୍ରମ ଆମସେନାର ମାସିକ ମୁଖପତ୍ର

# କୁଳଭୂମି

୧୮୬୪ ମସିହାରେ ମୁଲ୍‌ତାନ ସ୍ଥିତ ଶ୍ରୀଯୁକ୍ତ ରାମ କିଶୋରଙ୍କ ଗୃହରେ ଗୁରୁଦତ୍ତ ବିଦ୍ୟାର୍ଥୀ ଜାତ ହୋଇଥିଲେ । ସେ ଅତ୍ୟନ୍ତ ମେଧାବୀ ଥିଲେ । ୧୮୮୩ ମସିହାରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅନ୍ତିମ ସମୟରେ ଲାହୋର ଆର୍ଯ୍ୟ ସମାଜରେ ସେ ଲାଲାଜୀବନ ଦାସଙ୍କ ସହିତ ସେବାପାଇଁ ନିୟୋଜିତ ହୋଇଥିଲେ ।

ସ୍ୱାମୀଜୀଙ୍କ ଅନ୍ତିମ ସମୟର ଦୃଶ୍ୟକୁ ଦେଖି ତାଙ୍କର ସବୁକିଛି ଏକାବେଳକେ ପରିବର୍ତ୍ତନ ହୋଇଯାଇଥିଲା । ଡି. ଏ. ଭି. କଲେଜ୍ ସ୍ଥାପନା ପାଇଁ ସେ ବହୁ ଦୂର ଦୂରାନ୍ତକୁ ଯାଇ ଧନସଂଗ୍ରହ କରିଥିଲେ । ୧୮୯୦ ମାର୍ଚ୍ଚ ତା ୧୯ ରିଖରେ ତାଙ୍କର ଦେହାବସାନ ଘଟିଥିଲା ।




ପ. ଗୁରୁଦତ୍ତ ବିଦ୍ୟାର୍ଥୀ

॥ଓ୩ମ୍॥

# ଉତ୍କଳ ସାହିତ୍ୟ ସଂସ୍ଥାନ ଦ୍ୱାରା ଓଡ଼ିଆ ଭାଷାରେ ପ୍ରକାଶିତ କେତୋଟି ପୁସ୍ତକ



॥ ଓ୩ମ୍ ॥

# କୁଳଭୂମି

ଗୁରୁକୁଳ ଆଶ୍ରମ ଆମସେନାର

**ମାସିକ ମୁଖପତ୍ର**

ବି.ସ.-୨୦୭୫ ଦୟାନନ୍ଦାବ୍ଦ: ୧୯୫

ସୃଷ୍ଟି ସମ୍ବତ୍- ୧,୯୬,୦୮,୫୩,୧୧୯

ମାର୍ଚ୍ଚ-୨୦୧୮ ବର୍ଷ-୩୬ ଅଙ୍କ-୩,

**ପ୍ରତିଷ୍ଠାତା**

**ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ**

**ମୁଖ୍ୟସଂପାଦକ**

**ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ**

**ସମ୍ମାନିତ ସଂପାଦକ**

**ପଣ୍ଡିତ ବିଶିକେସନ ଶାସ୍ତ୍ରୀ**

**ଆଗ୍ୟର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ**

**ଆଗ୍ୟର୍ଯ୍ୟ ବିନୟ କୁମାର ବୈଦିକ**

**ଆଗ୍ୟର୍ଯ୍ୟ ଉମେଶ କୁମାର ମନସ୍ୱୀ**

**ବ୍ୟବସ୍ଥାପକ**

**ବିକାଶ କୁମାର ଶାସ୍ତ୍ରୀ**

**ବ୍ର. ହୃଷିକେଶ ଆର୍ଯ୍ୟ**

ବାର୍ଷିକ ୧୦୦ ଟଙ୍କା, ଆଜୀବନ ୧୦୦୦ ଟଙ୍କା

ପ୍ରତିଖଣ୍ଡ ୧୦ ଟଙ୍କା

**ପ୍ରକାଶନ ଓ ମୁଦ୍ରଣ**

**ଗୁରୁକୁଳ ଆଶ୍ରମ ଆମସେନା**

**ନୂଆପଡ଼ା : ଓଡ଼ିଶା : ୭୬୬୧୦୯**



**www. vedicgurukulamsena.com**
**E.Mail.aumgurukul@rediffmail.com**
**Mob- 9437070541, 9437428121,**
**8280209696, 8280508896.**


## ସଂପାଦକଙ୍କ କଲମରୁ.........

ବର୍ତ୍ତମାନ ସମୟରେ ପାଶ୍ଚାତ୍ୟ ଅନାର୍ଷ ଶିକ୍ଷାରେ ଶିକ୍ଷିତ ଓ ଦୀକ୍ଷିତ ବ୍ୟକ୍ତିମାନେ ପ୍ରାୟଃ ଈଶ୍ୱରଙ୍କୁ ସ୍ୱୀକାର କରି ନ ଥାନ୍ତି । ସେମାନେ ଆଧୁନିକ ଶିକ୍ଷାର ଚରମ ପର୍ଯ୍ୟାୟରେ ପହଞ୍ଚି ଥିଲେ ମଧ୍ୟ ଈଶ୍ୱରଙ୍କୁ ମାନନ୍ତି ନାହିଁ, ପୁନର୍ଜନ୍ମ ଓ କର୍ମଫଳ ବ୍ୟବସ୍ଥାକୁ ମଧ୍ୟ ସେମାନେ ମାନି ନ ଥାନ୍ତି । ସେମାନେ ବିଗ୍ୱରିଥାନ୍ତି ଯେ ଏ ବିଷୟରେ ପଢ଼ିବାର ଅର୍ଥ ହେଉଛି ସମୟର ଦୁରୁପଯୋଗ କରିବା । ସେମାନଙ୍କ ସହିତ ପରମାତ୍ମାଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଯଦି ଇଚ୍ଛା ପ୍ରକଟ କରିବେ ତେବେ ସେମାନେ ସହମତି ପ୍ରକାଶ କରନ୍ତି ନାହିଁ । ଏପରି ଅନୁଭବ ହୋଇଥାଏ ଯେ ନାସ୍ତିକତାର ରାଜ୍ୟ ଚାରି ଆଡ଼େ ବଢି ବଢି ଗ୍ୱଲିଛି । ଏହାର କାରଣ ହେଉଛି ମହାଭାରତ ଯୁଦ୍ଧ ପରେ ବିଦ୍ୱାନ୍ ମାନଙ୍କ ଅଭାବ ଦେଖାଗଲା ଗ୍ୱରିପଟେ ରାବଣ, ଦୁର୍ଯ୍ୟୋଧନ ଭଳି ଲୋକଙ୍କ ବିଗ୍ୱରଧାରା ବୃଦ୍ଧି ପାଇଲା, ଲୋକେ ଇଂରାଜୀ ଶିକ୍ଷାରେ ମାତିଲେ, ଆର୍ଷ ଶିକ୍ଷା ପ୍ରତି ଲୋକଙ୍କର ଧ୍ୟାନ ରହିଲା ନାହିଁ କେବଳ ଗ୍ୱକିରି ପାଇଁ ବିଦ୍ୟା ପଢ଼ିଲେ ମାତୃଦେବୋଭବ, ପିତୃଦେବୋଭବ, ଆଗ୍ୱର୍ଯ୍ୟଦେବୋଭବ ର ଉଦାତ୍ତ ଭାବନାକୁ ଭୁଲି ଗଲେ । ତଦ୍ୱାରା ଭୌତିକ ପଦାର୍ଥର ଉପଭୋଗରୁ ଯୁବାବସ୍ଥା ଏବଂ ବୃଦ୍ଧାବସ୍ଥାର ଆରମ୍ଭିକ ସମୟଟି ସୁଖ ପୂର୍ବକ ବ୍ୟତୀତ ହୋଇଥାଏ । ନିଜର ଅବିଦ୍ୟା ଜ୍ଞାନରୁ ଈଶ୍ୱର, ଆତ୍ମା ଓ କର୍ମଫଳ ବ୍ୟବସ୍ଥାକୁ ନିରର୍ଥକ ମନେ କରନ୍ତି ତଥା କଥିତ ବିଦ୍ୱାନ୍ ଗବେଷକ ଓ ବୈଜ୍ଞାନିକ ମାନେ ।

ଆର୍ଯ୍ୟ ସମାଜ ତ୍ରୈତବାଦ ସିଦ୍ଧାନ୍ତକୁ ମାନନ୍ତି । ତ୍ରୈତବାଦ ର ଅର୍ଥ ସଂସାରରେ ତିନୋଟି ଅନାଦି ପଦାର୍ଥ ରହିଛି- ଈଶ୍ୱର, ଜୀବ ଓ ପ୍ରକୃତି । ଅନାଦି ହେବାରୁ ତିନୋଟି ପଦାର୍ଥ ଅନନ୍ତ ମଧ୍ୟ ଅଟନ୍ତି । ସେହି ପଦାର୍ଥର ଅନ୍ତ ଥାଏ ଯାହାର ଜନ୍ମ ହୋଇଥାଏ । ଏହା ଜାଣି ରଖିବା ଉଚିତ ଯେ ଭାବରୁ ହିଁ ଭାବ ଉତ୍ପତ୍ତି ହୁଏ । ଅଭାବରୁ କୌଣସି ପଦାର୍ଥ ବା ସତ୍ତାର ଉତ୍ପତ୍ତି ହୁଏ ନାହିଁ । ଭାବର ଅର୍ଥ ହେଉଛି କୌଣସି ପଦାର୍ଥର ସତ୍ତା ରହିବା, ଯେଉଁ ପଦାର୍ଥର ସତ୍ତା ଯେକୌଣସି ସ୍ୱରୂପରେ ହେଉ ନା

କାହିଁକି, ତାର ନଷ୍ଟ ଅର୍ଥାତ୍ ଅଭାବକୁ ପ୍ରାପ୍ତ ହୁଏ ନାହିଁ । ବିଜ୍ଞାନ ମଧ୍ୟ ଏହି ସିଦ୍ଧାନ୍ତକୁ ସ୍ୱୀକାର କରେ ଅଭାବକୁ କୌଣସି ପଦାର୍ଥ ନିର୍ମାଣ ହୋଇ ପାରେ ନାହିଁ । ଯେଉଁ ପଦାର୍ଥର ଅସ୍ତିତ୍ୱ ଅଛି ସେ ସଦା ରହିବ, ତାର ରୂପ ବଦଳି ପାରେ । ଜଳରୁ ବାଷ୍ପ ହୋଇ ରୂପ ପରିବର୍ତ୍ତନ ହୁଏ, କିନ୍ତୁ ବାଷ୍ପ ରୂପରେ ଜଳ ବିଦ୍ୟମାନ ରହେ । ଆମ୍ଭେ କୌଣସି ବସ୍ତୁ ଜଳାଇଲେ ତା ଅଦୃଶ୍ୟ ହୋଇଯାଏ କିନ୍ତୁ ଏପରି ହେଲେ ମଧ୍ୟ ତାର ଅଭାବ ନାଶ ହୁଏ ନାହିଁ ସେ ବସ୍ତୁଟି ଅଣୁ ପରମାଣୁରେ ପରିଣତ ହୋଇଯାଏ । ଏହି ପରି ଈଶ୍ୱର, ଜୀବ, ପ୍ରକୃତି ଏହି ତିନୋଟି ଅନାଦି ଅଟନ୍ତି । ଏହି ତିନୋଟି କେବେ ଉତ୍ପନ୍ନ ହୋଇ ନାହାନ୍ତି ସେମାନେ ସର୍ବଦୈବ ରହିଥାନ୍ତି । ଏମାନଙ୍କ ଅଭାବ କଦାପି ହୋଇନଥାଏ ।

ଈଶ୍ୱର ଜ୍ଞାନସ୍ୱରୂପ, ସର୍ବଜ୍ଞ, ଚେତନ, ସର୍ବ ବ୍ୟାପକ, ସର୍ବ ଶକ୍ତିମାନ୍, ଆନନ୍ଦ ସ୍ୱରୂପ, ଅଜର, ଅମର, ଅନାଦି, ଅନନ୍ତ ସତ୍ତା ଅଟନ୍ତି । ଅତିସୂକ୍ଷ୍ମ ହେତୁ ସେ ଆଖିରେ ଦେଖା ଯାଆନ୍ତି ନାହିଁ । ଈଶ୍ୱର ହିଁ ନୁହେଁ ସଂସାରରେ ଏପରି ଅନେକ ପଦାର୍ଥ ଅଛି ଯିଏ ସୂକ୍ଷ୍ମ ଅଟନ୍ତି ଆଖି ତାକୁ ଦେଖିପାରେ ନାହିଁ । ବାୟୁ ସର୍ବତ୍ର ବିଦ୍ୟମାନ ଥିଲେ ମଧ୍ୟ ଆଖିକୁ ଦେଖା ଦିଏ ନାହିଁ । କିନ୍ତୁ ତାର ଅସ୍ତିତ୍ୱ ରହିଛି । ଏଣୁ ଆକାଶରେ ବାଷ୍ପ ଅଣୁ ଭାବରେ ଥାଏ କିନ୍ତୁ ଦେଖିପାରେ ନାହିଁ । ତେଣୁ ଈଶ୍ୱର ଦେଖା ଦିଅନ୍ତି ନାହିଁ ଅର୍ଥାତ୍ ଈଶ୍ୱରଙ୍କ ଅସ୍ତିତ୍ୱ ନ ହେବା ସିଦ୍ଧ ହୁଏ ନାହିଁ । ଏହିପରି ଅନେକ କାରଣ ରହିଛି ଯାହାକୁ ଆମ୍ଭେମାନେ ଦର୍ଶନ ଶାସ୍ତ୍ରକୁ ପଢ଼ିଲେ ଜାଣିପାରିବା । ସତ୍ୟାର୍ଥ ପ୍ରକାଶ ପଢ଼ିଲେ ଈଶ୍ୱରଙ୍କ ସତ୍ତାକୁ ଜାଣି ପାରିବା ଓ ଆସ୍ତିକ ମଧ୍ୟ ହୋଇ ପାରିବା । ସଂସାରରେ ଈଶ୍ୱର ଅଛନ୍ତି ଏହା ସୃଷ୍ଟି ବିଜ୍ଞାନକୁ ଦେଖିଲେ ଜାଣିଲେ ସ୍ପଷ୍ଟଭାବେ ଜଣାପଡ଼େ ଯେ ସୃଷ୍ଟି ରଚନା ସତରେ ବୁଦ୍ଧି ପୂର୍ବକ ନିର୍ମିତ ହୋଇଛି । ଏହି ସଂସାରର ରଚୟିତା ଜ୍ଞାନର ଭଣ୍ଡାର ଅଟନ୍ତି ଅର୍ଥାତ୍ ତାଙ୍କରି ପାଖେ ଜ୍ଞାନର ପରାକାଷ୍ଠା ଅଛି । ଏଣୁ ତାଙ୍କୁ ସର୍ବଜ୍ଞ କହିଥାଉଁ । ମନୁଷ୍ୟ ବ୍ରହ୍ମାଣ୍ଡରେ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ଗ୍ରହ, ଉପଗ୍ରହ, ଲୋକ ଲୋକାନ୍ତରର ରଚନା କରି ପାରିବ ନାହିଁ । ମନୁଷ୍ୟ ହେଉଛି ଅଳ୍ପଜ୍ଞ କିନ୍ତୁ ଈଶ୍ୱର ସର୍ବଜ୍ଞ ଅଟନ୍ତି । ଏହି ସଂସାରର ପଦାର୍ଥ ଅପେକ୍ଷା ଈଶ୍ୱର ସର୍ବାତିସୂକ୍ଷ୍ମ ଅଟନ୍ତି । ଅତିସୂକ୍ଷ୍ମ ହେବାରୁ ଆଖି ଦେଖିପାରେ ନାହିଁ । ଈଶ୍ୱର ହିଁ ନୁହେଁ ଆହୁରି ଅନେକ ସୂକ୍ଷ୍ମ ପଦାର୍ଥ ରହିଛି ଯାହା ଆଖି ଦେଖିପାରି ନଥାଏ । ପବନ ଆକାଶରେ ରହିଥାଏ ତଥାପି ଆଖି ଦେଖି ପାରେ ନାହିଁ । ଏଣୁ ଈଶ୍ୱର ଦୃଷ୍ଟିଗୋଚର ନହେଲେ ମଧ୍ୟ ଈଶ୍ୱରଙ୍କ ଅସ୍ତିତ୍ୱର ଅଭାବ ସିଦ୍ଧ ହୁଏ ନାହିଁ । ସଂସାରର ରଚୟିତା ଜ୍ଞାନର ଭଣ୍ଡାର ଅଟନ୍ତି ଅନନ୍ତ ଜ୍ଞାନ ରହିଛି ତାଙ୍କ ପାଖରେ । ଏଣୁ ତାଙ୍କୁ ସର୍ବଜ୍ଞ ବୋଲି ଜାଣି ଥାଉଁ । ମାନବ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ଲୋକ ଲୋକାନ୍ତରକୁ ନିର୍ମାଣ କରିପାରେ ନାହିଁ । ଏଣୁ ଏହି ସୃଷ୍ଟି ଅପୌରୁଷେୟ ଅଟେ । ଅପୌରୁଷେୟ ରଚନା ସୃଷ୍ଟି ମନୁଷ୍ୟ କିମ୍ବା ମନୁଷ୍ୟମାନେ ନିର୍ମାଣ କରିପାରନ୍ତି ନାହିଁ । ମହର୍ଷି ଦେବ ଦୟାନନ୍ଦ ଅମର ଗ୍ରନ୍ଥ ସତ୍ୟାର୍ଥ ପ୍ରକାଶରେ ଲେଖିଛନ୍ତି ରଚନା ବିଶେଷକୁ ଦେଖି ତାର ରଚୟିତା ସଂପର୍କରେ ଜ୍ଞାନ ହୋଇ ଥାଏ । ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ଉପଗ୍ରହ, ଲୋକ ଲୋକାନ୍ତର ମଧ୍ୟ ବିଶେଷ ରଚନା ଅଟେ । ଏସବୁ କୁ ଦେଖି ଈଶ୍ୱର ଅଛନ୍ତି ବୋଲି ଜ୍ଞାନ ଆସି ଥାଏ । ଯଦି ଈଶ୍ୱର ନ ଥାଆନ୍ତେ ତେବେ ସେହି ସୂକ୍ଷ୍ମ ତ୍ରିଗୁଣାତ୍ମକ ସତ୍, ରଜ ଓ ତମ ଗୁଣଯୁକ୍ତ ପ୍ରକୃତି ରୁ ସୃଷ୍ଟି ରଚନା କରି ନ ଥାନ୍ତେ, ବ୍ରହ୍ମାଣ୍ଡରୂପୀ ସଂସାର ଅସ୍ତିତ୍ୱରେ କିପରି ଆସିଥାନ୍ତା । ବ୍ରହ୍ମାଣ୍ଡର ଅସ୍ତିତ୍ୱ ହିଁ ଈଶ୍ୱର ଅଛନ୍ତି ବୋଲି ଅକାଟ୍ୟ ପ୍ରମାଣ ଅଟେ

। ସଂସାରରେ ଗୁଣୀ ବ୍ୟକ୍ତି ଗୁଣକୁ ଜାଣିପାରେ, ଚିହ୍ନିପାରେ ପ୍ରତ୍ୟକ୍ଷ ଅନୁଭବ କରିପାରେ । ଏପରି ସଂସାରରେ ସୃଷ୍ଟିର ବିଚିତ୍ର ରଚନାକୁ ଦେଖି ପରମାତ୍ମାଙ୍କ ଜ୍ଞାନ ହୋଇଥାଏ ।

ମହର୍ଷି ଦୟାନନ୍ଦ ନିଜ ସ୍ୱମନ୍ତବ୍ୟାମନ୍ତବ୍ୟପ୍ରକାଶରେ ଈଶ୍ୱରଙ୍କ ବିଷୟରେ ଲେଖିଛନ୍ତି- ଯେଉଁ ଈଶ୍ୱରଙ୍କ ପରମାତ୍ମାଦି ନାମ ଅଟନ୍ତି, ଯିଏ ସଚ୍ଚିଦାନନ୍ଦାଦି ଲକ୍ଷଣଯୁକ୍ତ ଅଟନ୍ତି, ଯାହାଙ୍କ ଗୁଣ, କର୍ମ, ସ୍ୱଭାବ ପବିତ୍ର ଅଟେ, ଯିଏ ସର୍ବଜ୍ଞ, ନିରାକାର, ସର୍ବବ୍ୟାପକ, ଅଜନ୍ମା, ଅନନ୍ତ, ସର୍ବଶକ୍ତିମାନ୍, ଦୟାଳୁ, ନ୍ୟାୟକାରୀ, ସମସ୍ତସୃଷ୍ଟିକର୍ତ୍ତା, ଧାରଣକର୍ତ୍ତା, ପ୍ରଳୟକର୍ତ୍ତା, ସମସ୍ତ ଜୀବ ଜଗତ୍‌କୁ କର୍ମାନୁସାରେ ସତ୍ୟନ୍ୟାୟ ଦ୍ୱାରା ଫଳ ଦାତା ଆଦି ଲକ୍ଷଣ ଯୁକ୍ତ ଅଟନ୍ତି ତାଙ୍କୁ ହିଁ ଈଶ୍ୱର ମାନନ୍ତି ।

ଜୀବାତ୍ମା ବିଷୟରେ ଋଷି ଲେଖିଛନ୍ତି- ଯେ ଇଚ୍ଛା ଦ୍ୱେଷ, ସୁଖ-ଦୁଃଖ ଓ ଜ୍ଞାନାଦି ଗୁଣଯୁକ୍ତ ଅଳ୍ପଜ୍ଞ ନିତ୍ୟ ଅଟନ୍ତି ତାଙ୍କୁ ଜୀବାତ୍ମା ମାନନ୍ତି । ଋଷି ଲେଖନ୍ତି- ଜୀବ ଓ ଈଶ୍ୱର ସ୍ୱରୂପ ଓ ବୈଧର୍ମ୍ୟ ରୁ ପୃଥକ୍ ଓ ବ୍ୟାପ୍ୟ-ବ୍ୟାପକ, ସାଧର୍ମ୍ୟରୁ ଭିନ୍ନ ନୁହନ୍ତି । ଯେପରି ଆକାଶରୁ ମୂର୍ତ୍ତିମାନ୍ ଦ୍ରବ୍ୟ କେବେ ଭିନ୍ନ ନଥିଲା, ନା ଅଛି, ନା ରହିବ । ଏପରି ପରମେଶ୍ୱର ଓ ଜୀବକୁ ବ୍ୟାପ୍ୟ-ବ୍ୟାପକ, ଉପାସ୍ୟ-ଉପାସକ, ପିତା-ପୁତ୍ରାଦି ସମ୍ବନ୍ଧିଯୁକ୍ତମାନେ ଜୀବ, ଜଡ଼, ଚେତନ, ଆନନ୍ଦରହିତ, ସୁଖ କିମ୍ବା ଆନନ୍ଦର ଇଚ୍ଛୁକ, ଅନାଦି, ଅନୁପମ, ଏକଦେଶୀ, ଅବିନାଶୀ, ଜନ୍ମ-ମରଣଧର୍ମୀ, କର୍ମକର୍ତ୍ତା, ଫଳଭୋକ୍ତା, ମୋକ୍ଷ ଚକ୍ରଭୋକ୍ତା, ଈଶ୍ୱରୀୟ ବ୍ୟବସ୍ଥା ଦ୍ୱାର କର୍ମଭାଗୀ, ଅନେକ ଯୋନିରେ ଜନ୍ମ ଗ୍ରହଣ ବା ଧାରଣ କର୍ତ୍ତା ମଧ୍ୟ ଅଟେ । ଜୀବ-ଈଶ୍ୱର ଭିନ୍ନ ପଦାର୍ଥ ଅଟନ୍ତି ।

ଋଷି ପ୍ରକୃତିକୁ ଈଶ୍ୱର, ଜୀବଠୁଁ ପୃଥିବୀ ତୃତୀୟ ଅନାଦି ନିତ୍ୟ ପଦାର୍ଥ ସ୍ୱୀକାର କରନ୍ତି । ପ୍ରକୃତିକୁ ଜଗତର ଉପାଦାନ କାରଣ ମାନନ୍ତି । ପ୍ରକୃତି ନିତ୍ୟ ପଦାର୍ଥ ହେବାରୁ ଗୁଣ କର୍ମ ସ୍ୱଭାବ ମଧ୍ୟ ନିତ୍ୟ ଅଟେ । ଏହି ତିନୋଟି ପଦାର୍ଥ ପ୍ରବାହମାନ କାଳରୁ ଅନାଦି ସ୍ୱୀକାର କରନ୍ତି । ...

ଏଣୁ ପ୍ରତ୍ୟେକ ମନୁଷ୍ୟ କୃତଘ୍ନ ନ ହେବା ପାଇଁ ପ୍ରତିଦିନ ପ୍ରାତଃ ଓ ସାୟଂ ଈଶ୍ୱରୋପାସନା, ଶ୍ରେଷ୍ଠ କର୍ମ, ଯଜ୍ଞାଦି ଅନୁଷ୍ଠାନ କରି ଆତ୍ମାକୁ ପବିତ୍ର କରିବା ପାଇଁ ନିତ୍ୟ ନୈମିତ୍ତିକ କରିବା ଆବଶ୍ୟକ ।

ଏହି ମାସରେ ହୋଲି ପର୍ବ ମାନିବେ, ଏହି ପର୍ବକୁ ଅନାଦି କାଳରୁ ମାନୁଛନ୍ତି । ଶବ୍ଦକଳ୍ପଦ୍ରୁ ମ କୋଶରେ କହିଛନ୍ତି- **"ତ୍ରିଣାଗ୍ନି ଉଷ୍ଟାର୍ଦ୍ଧ ପକ୍ୱସମୀଧାନାଂ ହୋଲକାଃ"** ଆୟୁର୍ବେଦ ଗ୍ରନ୍ଥ ଭାବପ୍ରକାଶ ନିଘଣ୍ଟୁରେ କହିଛନ୍ତି- ଅର୍ଦ୍ଧ ପକ୍ୱ ଶମୀଧାନ୍ୟୈ ସୃଣ- ଅର୍ଥାତ୍ ହୋଳକ ଶବ୍ଦ ଅପଭ୍ରଂଶ ହୋଇ ହୋଲା ହେଲାପରେ ହୋଲି ହୋଇଯାଇଛି । ଯେଉଁ ପର୍ବ ଶୁଦ୍ର ବିଶେଷ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଅଟେ । ଅଜ୍ଞାନ ବ୍ୟକ୍ତି ରଙ୍ଗ ଖେଳି ଆନନ୍ଦ ଉଲ୍ଲାସରେ ପର୍ବ ପାଳନ କରିଥାନ୍ତି । କିନ୍ତୁ ଜ୍ଞାନୀ ସୁଧୀ ବୃନ୍ଦ ବିଶେଷ ଯଜ୍ଞର ଆୟୋଜନ କରି ଗ୍ରାମ ବାସୀଙ୍କ ସହିତ ମିତ୍ରତା, ସହିଷ୍ଣୁତା, ପରସ୍ପର ପ୍ରେମ ପୂର୍ବକ ମିଳି-ମିଶି କରି ସମଦର୍ଶୀ ଭାବରେ ପାଳନ କରି ବିଶେଷ ଆନନ୍ଦର ଅନୁଭବ କରିଥାନ୍ତି । ଯଦି କୌଣସି ମନୋ-ମାଳିନ୍ୟତା ରହିଥାଏ ତାକୁ ଭୁଲି ସଦୈବ ମିତ୍ର ଭାବରେ ରହି ସାମାଜିକ ଉନ୍ନତି ପାଇଁ ସଂକଳ୍ପବଦ୍ଧ ହୋଇ ରହିବା । ହୋଲି ମହୋତ୍ସବ ଅବସରରେ ପାଠକ, ପାଠିକା ବୃନ୍ଦଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ଇତିଓ୩ମ୍ ॥

# ଦେବ ଯଜ୍ଞର ମହନୀୟତା

ପଣ୍ଡିତ ବିଶିକେସନ ଶାସ୍ତ୍ରୀ

ଆଜିକାଲି କେବଳ ଭାରତର ବିଭିନ୍ନ ପ୍ରଦେଶରେ ନୁହେଁ ଏପରିକି ବିଦେଶରେ ମଧ୍ୟ ଆନନ୍ଦ ଉଲ୍ଲାସ ବାତାବରଣ ମଧ୍ୟରେ ସୁଚାରୁରୂପେ ବୈଦିକ ଯଜ୍ଞମାନ ଆଗ୍ରହର ସହିତ ସଂପନ୍ନ କରାଯାଉଛି । ଆପଣମାନେ ନିଶ୍ଚିତଭାବେ ଲକ୍ଷ୍ୟ କରିଥିବେ ଯେ ମନ୍ତ୍ରପାଠ ଶେଷରେ ଆହୁତି ଦେବାପରେ କୁହାଯାଇଥାଏ- **ଇଦନ୍ନମମ** । ଅର୍ଥାତ୍ ଏହା ମୋର ନୁହେଁ । ଏହାର ତାତ୍ପର୍ଯ୍ୟକୁ ଯିଏ ବୁଝିଗଲା ତେବେ ତାର ଯଜ୍ଞ ସାର୍ଥକ ହେଲା ବୋଲି ବିଚାରିବାକୁ ହେବ । ତାର ବିପରୀତ ହେଉଛି **ଇଦଂମମ** ଅର୍ଥାତ୍ ଏସବୁ ହେଉଛି ମୋର । ଏପରି ଭାବନାଦ୍ୱାରା ଯାବତୀୟ ଦୁଃଖ ଅଶାନ୍ତି ଉପଦ୍ରବ ତହିଁରେ ନିହିତ ହୋଇ ରହିଥାଏ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଆମର ମହନୀୟ ମହାଭାରତ ଓ ରାମାୟଣ ଗ୍ରନ୍ଥ । ଇଦଂ ନ ମମର ଗ୍ରନ୍ଥ ରାମାୟଣ ହୋଇଥିବା ସ୍ଥଳେ ଇଦଂ ମମର ପ୍ରକୃତ ଗ୍ରନ୍ଥ ହେଉଛି ମହାଭାରତ । କୁହାଯାଇଛି-

**ଦେବି ନାହିଁ ଦେବି ନାହିଁ ଏ ମହାଭାରତ ।**
**ନେବି ନାହିଁ ନେବି ନାହିଁ ରାମାୟଣ ମତ ॥**

କୌରବ ତଥା ପାଣ୍ଡବମାନେ ନ୍ୟାୟ ଦୃଷ୍ଟିରୁ ରାଜ୍ୟର ଅଧେ ଅଧେ ଉଭୟେ ପାଇବା ଏକାନ୍ତ ଆବଶ୍ୟକ । କିନ୍ତୁ ଅଭିମାନୀ ଦୁର୍ଯ୍ୟୋଧନ ଅଥିରେ ମୋଟେ ସମ୍ମତ ହେଲା ନାହିଁ । ଏଥିପାଇଁ ଭବିଷ୍ୟତରେ ଯେଉଁ ଭୟଙ୍କର ଯୁଦ୍ଧ ହେବ ତାକୁ ଏଡାଇବା ପାଇଁ ଯୋଗେଶ୍ୱର ଭଗବାନ୍ ଶ୍ରୀକୃଷ୍ଣ ପ୍ରସ୍ତାବ ଦେଲେ- ପାଞ୍ଚଜଣ ଭାଇଙ୍କୁ ଚଳପ୍ରଚଳ ହେବାପାଇଁ କେବଳ ପାଞ୍ଚୋଟିମାତ୍ର ପଡାଦେଇ ସମଗ୍ର ରାଜ୍ୟକୁ କୌରବମାନେ ଭୋଗ କରନ୍ତୁ । କିନ୍ତୁ ନିଶକୁ ମୋଡ଼ି ବାହୁ ସ୍ଫୋଟମାରି ଦୁର୍ଯ୍ୟୋଧନ ଉତ୍ତର ଦେଇଥିଲେ-

**ସୂଚ୍ୟଗ୍ରଂ ନୈବ ଦାସ୍ୟାମି ବିନା ଯୁଦ୍ଧେନ କେଶବ !**

ତାର ଏହି ସାଧାରଣ ପଦକ କଥାପାଇଁ ଅଠର ଦିନ ଧରି ମହାଭାରତ ଯୁଦ୍ଧ ଭୟଙ୍କର ଭାବେ ଅନୁଷ୍ଠିତ ହୋଇଥିଲା । ଯୁଦ୍ଧରେ ଅଠର ଅକ୍ଷୌହିଣୀସେନା ନିହିତ ହୋଇଥିଲା । ତାପାଇଁ ଅଠରଖଣ୍ଡ ମହାଭାରତ ମଧ୍ୟ ବିଚରିତ ହୋଇଥିଲା । ଗଭୀରଭାବେ ବିବେଚନା କଲେ ଆମେ ନିଶ୍ଚୟ ଅବଗତ ହେବାଯେ ମହାଭାରତ ଯୁଦ୍ଧରେ ଯାକିଛି କ୍ଷତି ଘଟିଛି ସେସବୁ ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ । ଚତୁର୍ବର୍ଣ୍ଣ ଚତୁରାଶ୍ରମର ପ୍ରଥା ଏକାବେଳକେ ଲୋପ ପାଇଯାଇଛି । ପିତୃସତ୍ୟ ପାଳନ କରି ରଘୁକୁଳ ନନ୍ଦନ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ୍ ଶ୍ରୀରାମ ଚନ୍ଦ୍ର ଚଉଦବର୍ଷ ପାଇଁ ତତ୍କ୍ଷଣାତ୍ ବନବାସକୁ ଚାଲି ଯାଇଛନ୍ତି । ପରେପରେ ଭରତ ସ୍ୱମାତୁଳଗୃହରୁ ପ୍ରତ୍ୟାବର୍ତ୍ତନ କରି ଏ ସମସ୍ତ ବିଷୟକୁ ଅବଗତ ହେବାପରେ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲେ । ଅଗ୍ରଜ ରାମଚନ୍ଦ୍ରଙ୍କୁ ବନବାସରୁ ନିବୃତ୍ତ କରିବା ପାଇଁ ଅନେକ ଅନୁରୋଧ କରିବାରେ ଅବହେଳା ପ୍ରଦର୍ଶନ କରି ନଥିଲେ । କିନ୍ତୁ ଜ୍ୟେଷ୍ଠଭ୍ରାତା ଉତ୍ତର ଦେଇଥିଲେ- ଇଦଂ ନ ମମ ରାଜ୍ୟ ଶାସନ କରିବାର ଅଧିକାର ପୂର୍ଣ୍ଣଭାବେ ତୋର ରହିଛି । ଭରତ ଉତ୍ତର ଦେବାକୁ ଯାଇ ପ୍ରକାଶ କରିଥିଲେ- ଇଦଂ ନ ମମ । ରାଜ୍ୟ ଶାସନ ତୋତେ ହିଁ କରିବାକୁ ପଡ଼ିବ । ଭରତ ମଧ୍ୟ ଉତ୍ତର ଦେଇଥିଲେ- ଇଦଂ ନ ମମ । ଅନେକାନେକ

ଅନୁରୋଧ କରିବା ସତ୍ତ୍ୱେ ରାମଚନ୍ଦ୍ର ବୁଝାଇଥିଲେ- ପିତୃ ସତ୍ୟକୁ ପାଳନ କରିବା ଉଦ୍ଦେଶ୍ୟରେ ମୋତେ ଚଉଦ ବର୍ଷ ଅରଣ୍ୟରେ ହିଁ ଅତିବାହିତ କରିବାକୁ ହେବ । ଭରତ... ଅଗ୍ରଜ ! ଆପଣ କେବଳ ପିତୃଦେବଙ୍କ କଥା କହୁଛନ୍ତି । କିନ୍ତୁ ଈଶ୍ୱରଙ୍କ ଅକାଟ୍ୟ ନିୟମ ହେଉଛି- ରାଜାଙ୍କ ଜ୍ୟେଷ୍ଠ ପୁତ୍ର ହିଁ ରାଜସିଂହାସନର ଅଧିକାରୀ ହେବ । ତେଣୁ ସହୃଦୟତାର ସହିତ ଆପଣ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରନ୍ତୁ । ରାମଙ୍କ ସ୍ପଷ୍ଟ ଉତ୍ତର ଥିଲା- ଇଦଂ ନ ମମ । ଏତବ ଅବଗତ ହେବାପରେ ଭରତ ବାଧ୍ୟହୋଇ ରାମଚନ୍ଦ୍ରଙ୍କ କଠଉକୁ ଆଣି ସେବକ ରୂପେ ରାଜ୍ୟ ଶାସନ କରିବା ପାଇଁ ବାଧ୍ୟ ହୋଇଥିଲେ । ଏସବୁକୁ ଅବଗତ ହୋଇ ସନ୍ଥ ତୁଳସୀଦାସ କହିଛନ୍ତି.....

**ରଘୁକୁଳ ରୀତି ସଦା ଚଲି ଆଈ, ପ୍ରାଣ ଯାହିପର ବଚନ ନ ଯାହି ।**

ବିରାଟ ଅଯୋଧ୍ୟାରାଜ୍ୟ, ରାଜ ବୈଭବ, ତଥାପି କାହାରି ତିଳେମାତ୍ର ଲୋଭନାହିଁ । କିନ୍ତୁ ଇଦାନୀଂ ତନ ଏମ୍.ପି ଓ ଏମ୍.ଏଲ୍.ଏ ପ୍ରଭୃତିଙ୍କ କଥାକୁ ବାଦଦିଅନ୍ତୁ ସାଧାରଣ ସରପଞ୍ଚ, ଜିଲ୍ଲାପରିଷଦ ସଭ୍ୟ ଏମାନଙ୍କ କଥା ମଧ୍ୟ ବାହଦିଅନ୍ତୁ ସାଧାରଣ ପଞ୍ଚାୟତର ସଦସ୍ୟ ହେବାପାଇଁ ଅକୁଣ୍ଠିତ ଚିତ୍ତରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାରେ ତିଳେମାତ୍ର କୁଣ୍ଠାବୋଧ କେହି କରୁନାହାନ୍ତି । ନିର୍ବାଚନ ସମୟ ଆସିବାମାତ୍ରେ ପ୍ରାର୍ଥୀମାନେ କହିଥାଆନ୍ତି- ଆମେ ନିଶ୍ଚୟ ରାମରାଜ୍ୟ ପ୍ରତିଷ୍ଠା କରିବୁ । ଏକଥା ଶୁଣିବାମାତ୍ରେ ହସ ମାଡିଥାଏ । କାରଣ ରାବଣ କେବେ ରାମରାଜ୍ୟ ପ୍ରତିଷ୍ଠା କରିପାରିବ କି ? ତେଣୁ ପ୍ରାର୍ଥୀମାନେ ସର୍ବପ୍ରଥମେ ରାମ ହୁଅନ୍ତୁ ତାପରେ ରାମରାଜ୍ୟ କହିଲେ ତାହା ଶୋଭା ପାଆନ୍ତା । ରାମରାଜ୍ୟର ଏକ ମହତ୍ୱପୂର୍ଣ୍ଣ ବିଷୟ- ତାଙ୍କ ବଂଶରେ ଅଶ୍ୱପତି ନାମରେ ଜନୈକ ଆଦର୍ଶ ନୃପ ଥିଲେ । ଥରକର ଘଟଣା- ଅଯୋଧ୍ୟା ରାଜନଗରୀ କେତେଦଶ ମହର୍ଷି ରାସ୍ତାରେ ଯାଉଥିବା ସମୟରେ ରାଜ ଭବନରେ ଆସି ପଦାର୍ପଣ କରିଥିଲେ । ରାଜା ସସମ୍ମାନେ ସେମାନଙ୍କ ଯଥୋଚିତ ଅତିଥି ସତ୍କାର କରି ଖାଦ୍ୟପେୟର ସୁବ୍ୟବସ୍ଥା ମଧ୍ୟ କରିଥିଲେ । ରାଜଅନ୍ନ ହେଉଛି ଦୂଷିତ ଅନ୍ନ । ତେଣୁ ସେମାନେ ଭୋଜନ କରିବାପାଇଁ କୁଣ୍ଠାବୋଧ କରିଥିଲେ । ଯେଣୁ କଥିତ ହୋଇଛି- ଜୈସା ଖାୟେ ଅନ୍ନ ଐଷା ହୋଗା ମନ୍ । ରାଜ ଅନ୍ନ ଦୂଷିତ ଅନ୍ନ ବ୍ୟତୀତ ଅନ୍ୟ କିଛିହିଁ ହୋଇନପାରେ । ଯଥା ଅନ୍ନଂ ତଥା ମନଃ, ଏସବୁ ଅବଗତ ହେବାପରେ ଅଶ୍ୱପତି ମହାରାଜ ହାତଯୋଡ଼ି କହିଥିଲେ-

**ନମେ ସ୍ତେନଃ ଜନପଦେ ନ କଦର୍ଯ୍ୟୋ ନ ମଦ୍ୟପଃ ।**
**ନାନା ହିତାଗ୍ନି ର୍ନାବିଦ୍ୱାନ୍ ନ ସ୍ୱୈରୀ ସ୍ୱୈରିଣୀ କୁତଃ ॥**

ମୋର ରାଜ୍ୟରେ ଜଣେ ମଧ୍ୟ ଗ୍ରେିର, କୃପଣ, ମଦ୍ୟପ ବା ଯଜ୍ଞ ନ କରୁଥିବା ବ୍ୟକ୍ତି ନାହାନ୍ତି । ମୂର୍ଖ ବ୍ୟକ୍ତି ମଧ୍ୟ ନାହାନ୍ତି । ଯେଉଁଠି ଗ୍ରେିର ନାହାନ୍ତି ସେଠାରେ ଗ୍ରେିରଣୀ ବା ଆସିବ କେଉଁଠୁ ?

ଅଶ୍ୱପତି ଏପରି ଗ୍ୟାରେଣ୍ଟି ଛାତିରେ ହାତଦେଇ ପ୍ରକାଶ କରିଥିଲେ । ସେ ସମଗ୍ର ରାଜ୍ୟପାଇଁ ଏପରି କହିଥିଲେ, କିନ୍ତୁ ଆଜିକାଲି ଯାହାର ବିଶାଳ ପରିବାର ସେ ମଧ୍ୟ ଏପରି ଗ୍ୟାରେଣ୍ଟି କେବେ ମଧ୍ୟ ଦେଇପାରିବ ନାହିଁ ।

କୌଣସି ଏକ ଗ୍ରାମରେ ରାମାୟଣ ନାଟକ ଅଭିନୀତ ହେଉଥାଏ । ନାଟକର ଶେଷ ଦୃଶ୍ୟରେ ଷ୍ଟେଜ୍‌ର ଗୋଟିଏ ପଟରୁ ରାମଚନ୍ଦ୍ର ତଥା ଅନ୍ୟ ପଟରୁ ରାବଣ ଧନୁଶର ଧରି ପ୍ରବେଶ କରୁଥାନ୍ତି । ଭଗବାନ ରାମଚନ୍ଦ୍ର ସ୍ମିତହାସ୍ୟ

କରୁଥାଆନ୍ତି । ତାଦେଖି ରାବଣ ପ୍ରଶ୍ନକଲା... ଆରେ ରାମ ତୁ ହସୁଛୁ କାହିଁକି ? ତାର ଉତ୍ତର ଦେବାକୁ ଯାଇ ରାମଚନ୍ଦ୍ର କହିଥିଲେ ଲଙ୍କାର ସମସ୍ତ ବୀରଙ୍କୁ ନିଧନ କଲିଣି । ଆଜି ତୋତେ ମଧ୍ୟ ଯମପୁରକୁ ପଠାଇଦେବି । ତେଣୁ ମୁଁ ହସ ସମ୍ବରଣ କରିପାରୁ ନାହିଁ । ରାବଣ ଉତ୍ତର ଦେଲା- ପ୍ରତିବର୍ଷ ଲୋକେ ମୋତେ ମାରି ଆସୁଛନ୍ତି । ତଥାପି ମୁଁ କିପରି ଜୀବିତ ହୋଇ ରହିଛି ତାହା ତୁ ଏବେ ନିଜ ଆଖିରେ ଦେଖ ।

ଏହାର ପ୍ରକୃତ ଅର୍ଥ ହେଉଛି ପ୍ରତିବର୍ଷ ବିଜୟା ଦଶମୀରେ ଲୋକେ ମହାଆଡ଼ମ୍ବରରେ ରାବଣକୁ ପୋଡ଼ି ଦେଇଛନ୍ତି । ତାକୁ ଅଗ୍ନିରେ ପୋଡ଼ି ଭସ୍ମସାତ୍ କରି ଦେଇଛନ୍ତି । ତଥାପି ସେ ପୁଣିଥରେ ବଞ୍ଚି ଯାଉଛି । ଏହାର ଅଭିପ୍ରାୟ ହେଉଛି ଶହଶହ ବର୍ଷରୁ ଲୋକେ ରାବଣକୁ ପୋଡ଼ି ମାରି ଦେଉଛନ୍ତି । ଅତି ଆଶ୍ଚର୍ଯ୍ୟର କଥା ତଥାପି ସେ ରାବଣ କିପରିଭାବେ ବଞ୍ଚି ଯାଇଛି । ଏହା ଶୁଣି ଭଗବାନ୍ ରାମଚନ୍ଦ୍ର ଜୋର୍‌ରେ ଅଟ୍ଟହାସ୍ୟ କରିଥିଲେ । ତାପରେ ରାବଣ ପ୍ରଶ୍ନ କରିଥିଲା କାହିଁକି ତୁ ହସିଲୁ ? ଉତ୍ତର ମୁଁ ତୋତେ ମାରେ ବା ନମାରେ ର ଅକ୍ଷରରେ ରାମ ଓ ର ଅକ୍ଷରରେ ରାବଣ ମଧ୍ୟ । ଆଜି ଦେଶରେ ଲକ୍ଷ ଲକ୍ଷ ଲୋକେ ମୋନାମକୁ ଜପୁଥିବା ସ୍ଥଳେ, ତୋନାମକୁ ଭୁଲ୍‌ରେ ସୁଦ୍ଧା କେହି ଜପୁ ନାହାନ୍ତି । ତାଶୁଣି ରାବଣ ପୁଣିଥରେ ଅଟ୍ଟହାସ୍ୟ କରିଥିଲା । ପ୍ରଶ୍ନ- କାହିଁକି ତୁ ହସିଲୁ ? ତୋର ଅବିବେକିତାକୁ ଦେଖି ମୁଁ ହସ ସମ୍ବରଣ କରି ପାରିଲି ନାହିଁ । କାରଣ ସତରେ ତୁ କିଛି ଜାଣିନୁ । ମୁଁ ସ୍ୱୀକାର କରୁଛି ସମସ୍ତେ ତୋନାମକୁ ନିଷ୍ଠିତଭାବେ ଜପୁଛନ୍ତି । କିନ୍ତୁ କଲାବେଳକୁ ସେମାନେ ସମସ୍ତେ ମୋକାମକୁ ହିଁ କରୁଛନ୍ତି । ନାମଯଜ୍ଞରେ କଣ୍ଠ ଫଟାଇ ଉପଦେଶ ଦିଆଯାଉଛି । ଆମେ ଯାହାହେଲେ ମଧ୍ୟ ଚଳିବ କିନ୍ତୁ ତୁମ୍ଭେମାନେ.....

**ହରେରାମ ହରେରାମ ରାମ ରାମ ହରେ ହରେ ।**

**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ॥**

କଥିତ ହୋଇଛି-

ମେରା ମେରା କହତାହେଁ ଜୋ ମରତାହେଁ
ତେରା ତେରା କହତାହେଁ ଜୋ ତରତା ହେଁ ॥
ମୋର ମୋର କହେ ଯେହୁ ଅବଶ୍ୟ ସେ ମରେ
ତୋର ତୋର କହି ଜନ ଭବସିନ୍ଧୁତରେ ॥

ବିହାର ହେଉଛି ଅତି ଗୁଣ୍ଡାମି ସ୍ଥାନ । ଗୁଣ୍ଡାମିରେ ଆଗେ ଦିଲ୍ଲୀ ପ୍ରସିଦ୍ଧି ଲାଭ କରିଛି । ଲୋକେ ଟ୍ରେନ୍‌ରେ ଯାଉଥିବେ ଏଟେଚି ବେଡିଂ ପତ୍ର ରଖିଥିବେ । ଗୁଣ୍ଡାମାନେ ଆସି ପଗ୍ଚରିବେ- ୟେ ସବ୍ କିସ୍‌କା ହେ ? ଆପଣ ନିଷ୍ଠିତଭାବେ କହିବେ ୟେ ସବ୍ ମେରା ହେଁ । ଏପରି ଶୁଣିବା ମାତ୍ରକେ ସେମାନେ ସେସବୁକୁ ଯେନ କେନ ପ୍ରକାରେଣ ଲୁଟ୍‌ପାଟ୍ କରି ନେଇଯିବେ । ତେଣୁ ଜାଣିଥିବା ଲୋକେ ହାତ ଜୋଡ଼ି କହିଥାନ୍ତି । ଭଗବନ୍ ! ୟେ ସବ୍ ଆପକୀ ହେଁ । ଏପରି କହିବାମାତ୍ରେ ସେମାନେ ଲୁଟ୍‌ପାଟ୍ ନକରି ଛାଡ଼ିଦେଇ ଗ୍ଚଲିଯିବେ । କଥିତ ହୋଇଛି-

**ମଥୁରାୟାଃ ବିଲୋମେନ ମଧ୍ୟମାକ୍ଷର ବର୍ଜିତା ।**

**ଯନ୍ମୁଖେ ଦ୍ୱ୍ୟକ୍ଷରଂ ନାସ୍ତି ତନ୍ମୁଖେ ମଧ୍ୟମାକ୍ଷରମ୍ ॥**

ମଥୁରାକୁ ଓଲଟାଇ ଦେଲେ ତା ହେବ ରାଥୁମ । ମଧ୍ୟମ ଅକ୍ଷରକୁ ନେଇଗଲେ ହେବ ରାମ । ସେଦିଓଟି ଅକ୍ଷର ଯା ମୁଖରେ ନାହିଁ ତାକୁ ମଧ୍ୟମ ଅକ୍ଷର ଦିଅ । ଅର୍ଥାତ୍ ରାମନାମକୁ ଭଜନକରୁ ନଥିବା ଲୋକର ମୁହଁରେ ଥୁ (ଛେପ) ପକାଅ ତେଣୁ ସମସ୍ତେ କହ....

**ଶ୍ରୀରାମ୍ ଜୟରାମ୍ ଜୟଜୟ ରାମ୍ ।**

**ଶ୍ରୀରାମ୍ ଜୟରାମ୍ ଜୟ ଜୟ ରାମ୍ ॥**

---

# ଉତ୍କଳ ସାହିତ୍ୟ ସଂସ୍ଥାନ, ଗୁରୁକୁଳ ଆଶ୍ରମ ଆମସେନା ଦ୍ୱାରା ପ୍ରକାଶିତ କେତେକ ଅମୂଲ୍ୟ ଗ୍ରନ୍ଥ

**୧-ସତ୍ୟାର୍ଥ ପ୍ରକାଶ :-** ଏଯୁଗର ସୁପ୍ରସିଦ୍ଧ ବେଦୋଦ୍ଧାରକ, ବୈଦିକ ବାଙ୍ମୟର ଅଦ୍ୱିତୀୟ ବିଦ୍ୱାନ୍ ମହର୍ଷି ଦୟାନନ୍ଦ ସରସ୍ୱତୀ ନିଜରଚିତ ଅମରଗ୍ରନ୍ଥ ସତ୍ୟାର୍ଥ ପ୍ରକାଶ ରଚନା କରି ଏକ ମହନୀୟ କାର୍ଯ୍ୟ କରିଯାଇଛନ୍ତି । ଯେଉଁ ମୋକ୍ଷାଭିଳାଷୀ ବ୍ୟକ୍ତିମାନେ ଜୀବାତ୍ମା, ପରମାତ୍ମା ଓ ପ୍ରକୃତିର ସ୍ୱରୂପକୁ ଯଥାଯଥ ଭାବେ ଜାଣି, ବେଦର ସାର, କର୍ତ୍ତବ୍ୟ ଅକର୍ତ୍ତବ୍ୟ, ଧର୍ମ ଅଧର୍ମ ତଥା ପାପ ପୁଣ୍ୟର ଯଥାର୍ଥ ସ୍ୱରୂପକୁ ଜାଣିବାକୁ ଇଚ୍ଛା କରନ୍ତି ଓ ବେଦର ଗୂଢ଼ ରହସ୍ୟକୁ ହୃଦୟଙ୍ଗମ କରିବାକୁ ଚାହାନ୍ତି, ସେହି ବ୍ୟକ୍ତିମାନେ ଏହି ଅମୂଲ୍ୟ ଗ୍ରନ୍ଥକୁ ନିଶ୍ଚିତଭାବେ ସ୍ୱାଧ୍ୟାୟ କରିବା ଆବଶ୍ୟକ ।

**୨-ଋଗ୍ବେଦାଦି ଭାଷ୍ୟ ଭୂମିକା :-** ମଧ୍ୟବର୍ତ୍ତୀ କାଳରେ ବାମମାର୍ଗୀମାନେ ଈଶ୍ୱରଙ୍କ ଦିବ୍ୟବାଣୀ ବେଦକୁ ଗାଈଆଳମାନଙ୍କ ଗୀତବୋଲି ପ୍ରଚାର କରିଥିଲେ । ପୁଣି କେତେକ ଲୋକ ବେଦମନ୍ତ୍ରକୁ ପୂଜାପାଠ ମଧ୍ୟରେ ସୀମିତ କରି ରଖିଥିଲେ । ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ମହର୍ଷି ଦୟାନନ୍ଦ ସରସ୍ୱତୀ ଋଗ୍ବେଦାଦି ଭାଷ୍ୟ ଭୂମିକା ପ୍ରଣୟନ କରି ବେଦକୁ ସକଳ ବିଦ୍ୟାର ଗ୍ରନ୍ଥ ବୋଲି ପ୍ରତିପାଦନ କରିଥିଲେ ତଥା ବେଦର ମନ୍ତ୍ରଗୁଡ଼ିକଦ୍ୱାରା ସମସ୍ତ ବିଦ୍ୟା ପ୍ରକାଶ ମଧ୍ୟ କରିଥିଲେ । ବେଦର ଯାବତୀୟ ରହସ୍ୟକୁ ଜାଣିବା ପାଇଁ ଇଚ୍ଛାକରୁଥିବା ବ୍ୟକ୍ତିମାନେ ଏହି ଅମୂଲ୍ୟ ଗ୍ରନ୍ଥକୁ ଅଧ୍ୟୟନ କରିବା ଏକାନ୍ତ ଆବଶ୍ୟକ ।

**୩- ବ୍ୟବହାର ଭାନୁ :-** ବର୍ତ୍ତମାନର ବାଳକ ଓ କିଶୋର ମାନଙ୍କୁ ସଚ୍ଚରିତ୍ର କରି ଗଠନ କରିବା ପାଇଁ ତଥା ସେମାନଙ୍କୁ ଜୀବନରେ ନୂତନ ନୂତନ ପ୍ରେରଣା ଦେବାପାଇଁ ଓ ବେଦର ଭକ୍ତ ତଥା ଭାରତୀୟ ସଂସ୍କୃତି ପ୍ରେମୀରୂପେ ଗଠନ କରିବା ପାଇଁ ମହର୍ଷି ଏହି ଅମୂଲ୍ୟଗ୍ରନ୍ଥକୁ ପ୍ରଣୟନ କରିଛନ୍ତି । ଭଦ୍ରବ୍ୟକ୍ତିମାନେ ନିଜନିଜର ପୁଅଝିଅମାନଙ୍କୁ ଏହିଗ୍ରନ୍ଥ ଅଧ୍ୟୟନ କରାଇବାର ବ୍ୟବସ୍ଥା ନିଶ୍ଚିତଭାବେ କରାଇବା ପାଇଁ ଧ୍ୟାନ ଦେବେ ।

# ବେଦ ମନ୍ତ୍ର

ଉମେଶଚନ୍ଦ୍ର ମନସ୍ୱୀ

**ମନ୍ତ୍ର :- ଉପ ତ୍ୱାଗ୍ନେ ଦିବେ ଦିବେ ଦୋଷାବସ୍ତର୍ଧିୟ ବୟମ୍ ।**
**ନମୋ ଭରନ୍ତ ଏ ମସି ॥**

**ପଦାର୍ଥ :- (ଅଗ୍ନେ)** ହେ ପ୍ରକାଶ ସ୍ୱରୂପ ପରମାତ୍ମା **(ଧିୟା)** ଜ୍ଞାନ-ପ୍ରକାଶ ନିମନ୍ତେ **(ବୟମ୍)** ଆମ୍ଭେମାନେ **(ତ୍ୱା)** ଆପଣଙ୍କୁ **(ଦିବେ ଦିବେ ଦୋଷାବସ୍ତ)** ପ୍ରତି ଦିନ-ରାତି **(ନମୋଭରନ୍ତଃ)** ନମସ୍ତେ କରିବା **(ସଙ୍ଗେ ସଙ୍ଗେ)** ବିନମ୍ରତାର ସହିତ **(ଉପ ଏମସି)** ଉପାସନା କରୁ ଅଛୁଁ ।

**ବ୍ୟାଖ୍ୟା :-** ହେ ପରମାତ୍ମନ୍ ! ଆପଣଙ୍କର ଦୟା ଦୃଷ୍ଟି ଧନ୍ୟ ଅଟେ । ଆମେ ତୁଚ୍ଛ ଆତ୍ମା ଆପଣଙ୍କ ପ୍ରତି କୌଣସି ପ୍ରକାର ସେବାର ଆବଶ୍ୟକତା ନ ରଖିଲେ ମଧ୍ୟ ଆପଣଙ୍କର ଦୟା ହେଉଛି ଅପାର । ଆପଣ ଆମ୍ଭମାନଙ୍କୁ ନେତ୍ରାଦି ପ୍ରଦାନ କରି ଯୋଗ୍ୟ ରୂପେ ଗଠନ କରିଛନ୍ତି । ଆମେ ଆଜି ଆପଣଙ୍କର ରଚିତ ବିଶାଳ ସୃଷ୍ଟିରେ ଆପଣଙ୍କ ରଚନାକୁ ଦେଖି ଆପଣଙ୍କର ମହାନ୍ ଜ୍ଞାନସମ୍ମୁଖରେ ବିସ୍ମୟାଭିଭୂତ ହୋଇ ଯାଉଛୁ । ଆପଣ ଆମ୍ଭମାନଙ୍କୁ କର୍ଣ୍ଣ ପ୍ରଦାନ କରି ସେହି ଉପଦେଶକୁ ଶ୍ରବଣ ଯୋଗ୍ୟ କରିଛନ୍ତି । ସେ ଗୁଡ଼ିକୁ ଶ୍ରବଣ ନ କରି ଯେକୌଣସି ମନୁଷ୍ୟ ନିଜ ଜ୍ଞାନକୁ ବୃଦ୍ଧି କରି କେବେ ମଧ୍ୟ ଆତ୍ମଜ୍ଞାନୀ ହୋଇ ପାରିବ ନାହିଁ । ହେ ପ୍ରଭୁ ଆପଣ ଯେଉଁ ବାଣୀ ଦେଇଛନ୍ତି ତତ୍ ଦ୍ୱାରା ଉପଦେଶ ଦେଇ ଆମେ ହଜାର ହଜାର ଆତ୍ମସ୍ଥିତ ହୃଦୟାନ୍ଧକାରକୁ ଦୂର କରି ଏବଂ ପୁଣ୍ୟ ଭାଗୀ ହୋଇ ଆପଣଙ୍କର ସାକ୍ଷାତ୍ ଦର୍ଶନ କରିବା ନିମିତ୍ତ ପ୍ରାର୍ଥନା କରି ପାରିବୁ । ଯତ୍ ଦ୍ୱାରା ଏହି ଇନ୍ଦ୍ରିୟ ଗୁଡ଼ିକ ବଳବତ୍ତର ହୋଇ ରହିବ । ଆପଣ ଏପରି ଶରୀର ସୂକ୍ଷ୍ମଯନ୍ତ୍ର ଗୁଡ଼ିକୁ ସତରେ କିପରି ଅଦ୍‌ଭୂତଭାବେ ତିଆରି କରିଛନ୍ତି । ଅନ୍ନ ପ୍ରାଣି ଭିତରକୁ ଯାଇଥାଏ ଯାହାର ବିକୃତ ଭାଗକୁ ଅପାନ ବାୟୁ ବହିଷ୍କୃତ କରିଥାଏ ଏବଂ ସାର ଅଂଶକୁ ସମାନ ବାୟୁ କ୍ରମାନୁସାରେ ରକ୍ତ ରୂପରେ ପରିଣତ କରି ଲକ୍ଷ-ଲକ୍ଷ ନାଡି ଉପରେ ବିସ୍ତାର କରି ଦେଇଥାଏ ଏହି ରକ୍ତର ବିକୃତିକୁ ପ୍ରାଣବାୟୁ କଲେଜାଦ୍ୱାରା ବାରମ୍ବାର ପରିଶୁଦ୍ଧ କରି ସେ ଶରୀର ଅବୟବ ଗୁଡ଼ିକୁ ପୋଷଣ ଉପଯୁକ୍ତ ଭାବେ ତିଆରି କରିଥାଏ । ଯଦ୍ୱାରା ଏପରି ଶରୀର ରୂପୀ ଯନ୍ତ୍ର ଉପରେ ବସି ଆତ୍ମା ନିଜର କାର୍ଯ୍ୟଗୁଡ଼ିକୁ ସିଦ୍ଧ କରିଥାଏ । ହେ ଭଗବାନ୍ ! ଗୋଟିଏ କ୍ଷଣ ମଧ୍ୟ ଏପରି ନାହିଁ ଯଦ୍ ଦ୍ୱାରା ଆପଣଙ୍କ କୃପାର ଫଳାଫଳ ଆମ୍ଭେ ଭୋଗ କରିଥାଉଁ । ଶ୍ୱାସ ପ୍ରଶ୍ୱାସରେ ଆପଣଙ୍କୁ ନମସ୍କାର କାହିଁକି ବା ନ କରିଯିବ । ଏହି ପୃଥିବୀରେ ଛୋଟ ଛୋଟ ଖଣ୍ଡ ବିଯୁକ୍ତାବସ୍ଥାରେ ଆମେ ବ୍ୟବହାର ପାଇଁ ଅଯୋଗ୍ୟ ହୋଇଥିଲା । ଆପଣ ସେଗୁଡ଼ିକୁ ପୃଥିବୀ ରୂପରୁ ପରିଣତ କରି ଏହି ପୃଥିବୀ ପୃଷ୍ଠରୁ ନାନା ପ୍ରକାର ଫୁଲ-ଫଳ କନ୍ଦମୂଳ କରି ଆମର ଜିହ୍ୱା ଦ୍ୱାରା ଆମକୁ କେତେ ସୁଖ ପ୍ରଦାନ କରୁଛି ।

ଯେପରି ପିତା ପୁତ୍ର-ପୁତ୍ରୀଙ୍କର ଲାଳନ ପାଳନ ଓ ପୋଷଣ କରିଥାନ୍ତି । ସେହିପରି ପାଳନ ପୋଷଣ ଆପଣ ମଧ୍ୟ କରିଥାନ୍ତି । ହେ ପରମାତ୍ମନ୍ ଆପଣଙ୍କ ଏହି କରୁଣାକୁ କିପରିଭାବେ ପ୍ରକାଶ କରିବୁ । ଆମର ପ୍ରକୃତ ସଂପର୍କୀୟ ଆପଣ ହିଁ ଅଟନ୍ତି । ପୂର୍ବ ଜନ୍ମର ପିତା-ମାତା ଗୁରୁଜନଙ୍କ ସହିତ ଯେଉଁ ସଂପର୍କ ରହିଥିବା ତାହା ଦୂର ହୋଇଗଲା । କିନ୍ତୁ ଆପଣଙ୍କ କୃପାରୁ ସଂପର୍କକୁ ଆଶ୍ରୟ କରି ଯେଉଁ ପରି ପୂର୍ବ ଜନ୍ମରେ ସୁଖ ଭୋଗ କରୁଥିଲୁ ସେହିପରି ଏହି ଜନ୍ମରେ ମଧ୍ୟ ସେସବୁକୁ ଭୋଗ କରୁ ଅଛୁଁ । ଆପଣଙ୍କ ପରି ଦୟାଳୁ ପିତାଙ୍କୁ ଥରେ ମାତ୍ର ଯଦି ଦର୍ଶନ ପାଆନ୍ତୁ । ଆତ୍ମମାନଙ୍କର ଆତ୍ମାରେ ହିଁ ଆପଣ ବିଦ୍ୟମାନ ରହିଛନ୍ତି । ଆମରି ପାପ ଏତେ ପରିଣାମରେ ବଢି ଯାଉଛି ଯେ ଆମ୍ଭେ ସ୍ୱଆତ୍ମାରେ ଦର୍ଶନ ମଧ୍ୟ କରି ପାରୁଛୁ ଅନାତ୍ମାରେ ଜଡିତ ରହି ଆମଠାରେ ଆତ୍ମସ୍ୱରୂପ କୁ ବିସ୍ମୃତ କରିଦେଉଛୁଁ । ହେ ପିତା ପ୍ରକୃତି ଆଡ଼କୁ ଧ୍ୟାନ ଟାଣି ଦେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯଦ୍ୱାରା ଆମ୍ଭେମାନେ ଆତ୍ମସ୍ଥ ହୋଇ ଆମେ ନିଜଠାରେ ହିଁ ଆପଣଙ୍କୁ ଲାଭ କରିବୁ ପୁଣି ପ୍ରତ୍ୟେକ ଦିନ ଆପଣଙ୍କର ହିଁ ଉପାସନା କରୁଥିବୁ ।

ହେ ମୋର ପ୍ରିୟ ପାଠକ ଗଣ ! ପ୍ରାଣାୟାମ ସାହାଯ୍ୟରେ ମନକୁ ଶିଥିଳ କରି ପ୍ରତ୍ୟାହାର ଓ ଧାରଣାକୁ ସାଧନା କରି ଆମେ ଅନ୍ନମୟ କୋଷ ନୋହୁଁ, କିମ୍ବା ମନୋମୟ କୋଷ ନୋହୁଁ, ପ୍ରକୃତରେ ଆମ୍ଭେମାନେ ନିଜର ହୃଦୟାଭ୍ୟାନ୍ତରରେ ହିଁ ଖୋଜିବୁ ଆମେ ଆମରି ପ୍ରଭୁଙ୍କ ଧ୍ୟାନରେ କିପରି ନିମଗ୍ନ ହେବୁ ଯେପର୍ଯ୍ୟନ୍ତ ଆମେ ପ୍ରକୃତରେ ଧ୍ୟାନକୁ ତ୍ୟାଗ କରିବୁ ନାହିଁ ତେବେ ଆମେ କଣ ଏହି ମନୁଷ୍ୟ ଜୀବନକୁ ଏପରିଭାବେ ଅତିବାହିତ କରିଦେବା ତେବେ କଣ ଆମେ ପ୍ରଭୁଙ୍କୁ ହୃଦୟଙ୍ଗମ କରିବା ନାହିଁ କି ?

---

**ସାୟଂ ସାୟଂ ଗୃହପତିର୍ନୋ ଅଗ୍ନିଃ ପ୍ରାତଃ ପ୍ରାତଃ ସୌମ ନସସ୍ୟ ଦାତା ।**
**ପ୍ରାତଃ ପ୍ରାତର୍ଗୃହପତିର୍ନୋ ଅଗ୍ନିଃ ସାୟଂ ସାୟଂ ସୌମନସ୍ୟ ଦାତା ॥**

ପ୍ରତ୍ୟହ ସନ୍ଧ୍ୟା ସମୟରେ ଯେଉଁ ହୋମ କରାଯାଏ ସେହି ହୋମରେ ପ୍ରଦତ୍ତ ଘୃତ, କର୍ପୁର ଓ କସ୍ତୁରି ଆଦି ଦ୍ୱାରା ପ୍ରାତଃକାଳ ପର୍ଯ୍ୟନ୍ତ ବାୟୁ ମଣ୍ଡଳ ସୁଦ୍ଧ ରହେ । ପ୍ରତ୍ୟହ ପ୍ରାତଃକାଳରେ ହୋମରେ ଯେଉଁ ପୌଷ୍ଟିକ, ସୁଗନ୍ଧ ଓ ରୋଗନାଶକ ଦ୍ରବ୍ୟ ଯଥା- ଘୃତ, କର୍ପୁର ଓ କସ୍ତୁରୀ ଆଦି ଆହୁତି ଦିଆଯାଏ ତଦ୍ୱାରା ସାୟଂକାଳ ପର୍ଯ୍ୟନ୍ତ ବାୟୁମଣ୍ଡଳ ଶୁଦ୍ଧ ରହେ ଓ ସୁଖଦାୟକ ହୋଇଥାଏ । ଏହି ପବିତ୍ର ବାୟୁ ପ୍ରାଣୀମାନଙ୍କ ବଳ, ବୁଦ୍ଧି ଓ ଆରୋଗ୍ୟ ବର୍ଦ୍ଧନ କରେ ।

**ନ ତିଷ୍ଠତି ତୁ ଯଃ ପୂର୍ବାଂ ନୋପାସ୍ତେ ଯସ୍ତୁ ପଶ୍ଚିମାମ୍ ।**
**ସ ସାଧୁଭି ର୍ବହିଷ୍କାର୍ଯ୍ୟଃ ସର୍ବସ୍ମାଦ୍ ଦ୍ୱିଜକର୍ମଣଃ ॥**

ଯିଏ ଏହି ଈଶ୍ୱରୋପାସନା ଓ ଅଗ୍ନିହୋତ୍ର ପ୍ରାତଃ ଓ ସାୟଂ କାଳରେ କରେ ନାହିଁ ତାକୁ ଶୁଦ୍ର ବୋଲିବାକୁ ହେବ । ସଜ୍ଜନମାନେ ତାକୁ ସମସ୍ତ ଦ୍ୱିଜ କାର୍ଯ୍ୟରୁ ବହିଷ୍କାର କରିବା ଆବଶ୍ୟକ ।

# ଧନ୍ୟ ହେ ମହର୍ଷି

ସୁରେନ୍ ବିଶି

ଦୟାନନ୍ଦ ଋଷି ଧନ୍ୟ ଧନ୍ୟ ହେ ତୁମ ଜୀବନ
ଜୀବନକୁ କଲ ଧନ୍ୟ ବେଦପ୍ରଗ୍ରହୀ
ଜଗତକୁ ଦେଲ ଜ୍ଞାନ ଦୂର କଲ ହେ ଅଜ୍ଞାନ
ଅନ୍ଧ ବିଶ୍ୱାସକୁ ତୁମେ ଦେଲ ଦୂରେଇ
ପ୍ରତିମା ପୂଜାକୁ ହଟାଇ
ପ୍ରଗତିର ନୂଆ ପଥ ଦେଲ ଦେଖାଇ ।୧।

ଅସତ୍ୟ ବିଦ୍ୟା ଖଣ୍ଡନ କରିଲ ହେ ମହାମାନ୍ୟ
ଅଜ୍ଞାନ ଅନ୍ଧକାରକୁ ଦେଲ ଦୂର ଖେଦ୍ଦେଇ
କଲ ସମାଜ କଲ୍ୟାଣ ଦେଇ ତୁମ୍ଭ ମନ ପ୍ରାଣ
ତୁମ୍ଭ ଗୁଣ କର୍ମକୁ କି ହେବ ପାସୋରି
ଯଦି ବେଦକୁ ନ ମାନିବେ
ଅଜ୍ଞାନ ଅନ୍ଧକାରରେ ସର୍ବେ ଭ୍ରମିବେ ।୨।

ତୁମ ଅଜ୍ଞାନ ବ୍ରାହ୍ମଣେ ମିଥ୍ୟା ଜ୍ଞାନ ଦେଲେ ଜନେ
ପୁରାଣ ଲେଖିଲେ ତାଙ୍କ ମନ ଇଚ୍ଛାରେ
ସ୍ୱାର୍ଥ ସାଧନରେ ରତ ଶିଖାଇଲେ ଉଷା ବ୍ରତ
ନରହିଲା ତାଙ୍କ ମନ ବେଦ ଶାସ୍ତ୍ରରେ
ଲୋକଙ୍କୁ ଭଣ୍ଡିଲେ ପୁରାଣେ
ବେଦ ଜ୍ଞାନ ନ ରହିଲା ତାଙ୍କରି ମନେ ।୩।

ବେଦ ନଜାଣି ପଣ୍ଡିତେ ଅର୍ଥ କଲେ ନାନା ମତେ
ମାଂସ ଲାଲସାରେ ଦେଲେ ପଶୁଙ୍କୁ ବଳି
ଛୁଆଁ ଅଛୁଆଁ ଭାବକୁ ବାଲ୍ୟ ବିବାହ ପ୍ରଥାକୁ
ସମାଜରେ ସ୍ଥାନ ଦେଲେ ଭଲିକି ଭଲି
ଧନ ଅରଜନ ସେ କଲେ
ବେଦ ଛାଡ଼ି ଭୋଗ ବିଳାସରେ ମାତିଲେ ।୪।

କାଷ୍ଠ ପାଷାଣର ମୂର୍ତ୍ତି ପୂଜାକଲେ ମୂଢ଼ ମତି
ପୁରାଣକୁ ତାଙ୍କ ମନେ ତିଆର କଲେ
ବେଦକୁ ନ ବୁଝିପାରି ସତ୍ୟକୁ ଅସତ୍ୟ କରି
ଅର୍ଥ ଉପାର୍ଜନ ପାଇଁ ଉପାୟ କଲେ
ନପୂଜି ଜୀବନ୍ତ ଦେବତା
ମୂର୍ତ୍ତିପୂଜା ସଙ୍ଗେ ଦେଲେ ମିଥ୍ୟା ବାରତା ।୫।

ସେଥିପାଇଁ ମୂଢ଼ ମନ ବେଦକୁ କର ପଠନ
ବେଦ ପଢ଼ି ପ୍ରଗ୍ରିଲେ ଯଶ ଲଭିବୁ
ଇହଜନ୍ମ ପର ଜନ୍ମେ ସୁଖ ତୁ ପାଇବୁ ଦିନେ
ସଂସାର ସାଗରୁ ତୁହି ମୁକ୍ତି ପାଇବୁ
ପରଜନ୍ମେ ଲଭିବୁ ସୁଖ
ବେଦ ପଠନରେ ତୁହି ନୁହ ବିମୁଖ ।୬।

କହିଛନ୍ତି ଦୟାନନ୍ଦ ଗୀତରେ ଲେଖି ସୁରେନ୍ଦ୍ର
ଋଷିଙ୍କ ବାର୍ତ୍ତାକୁ ତୁହି ନକର ହେଲା
ଦାନ ଯଜ୍ଞ ଲୟ କର ଗୁରୁ ଗୋରୁ ସେବା କର
ଅଜ୍ଞାନୀଙ୍କୁ ଜ୍ଞାନ ଦିଅ ଆସିଛ ବେଳା
ଅଜ୍ଞାନତା ହୋଇଲେ ଦୂର
ବେଦ ରହସ୍ୟ ବୁଝିବ ସେ ମୂଢ଼ ନର ।୭।



# ଘୋଷଣା ପତ୍ରମ୍

ମୁଁ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ ସୁପୁତ୍ର ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ ଘୋଷଣା କରୁଅଛି ଯେ ମୁଁ "କୁଳଭୂମି" ନାମକ ମାସିକ ପତ୍ରିକାର ମୁଦ୍ରକ ଓ ପ୍ରକାଶକ ଅଟେ । ଯାହାକି ଗୁରୁକୁଳ ଆଶ୍ରମ ମୁଦ୍ରଣାଳୟ ଆମସେନାରେ ମୁଦ୍ରିତ ତଥା ଗୁରୁକୁଳ ଆଶ୍ରମ ଆମସେନା, ଜି. ନୂଆପଡ଼ା (ଓଡ଼ିଶା) ଦ୍ୱାରା ପ୍ରକାଶିତ ହେଉଅଛି । ଉକ୍ତ ପତ୍ରିକା ସଂପର୍କରେ ଯେଉଁ ବିବରଣୀ ନିମ୍ନରେ ପ୍ରଦାନ କରାଯାଉଛି ସେସବୁ ମୋର ଜ୍ଞାତବ୍ୟ ଓ ବିଶ୍ୱାସ ଅନୁଯାୟୀ ସଂପୂର୍ଣ୍ଣରୂପେ ସତ୍ୟ ଅଟେ ।

| | | |
|---|---|---|
| ୧- ପତ୍ରିକାର ନାମ | :- | କୁଳଭୂମି । |
| ୨- ପ୍ରତ୍ରିକାର ଭାଷା | :- | ଓଡ଼ିଆ । |
| ୩- ପ୍ରକାଶନର ଅବଧି | :- | ମାସିକ । |
| ୪- ପତ୍ରିକାର ସ୍ୱତନ୍ତ୍ର ବିକ୍ରୟ ମୂଲ୍ୟ | :- | ଟ ୧୦ ଙ୍କା ମାତ୍ର । |
| ୫- ପ୍ରକାଶକଙ୍କ ନାମ ଜାତୀୟତା ଠିକଣା | :- | ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ<br>ଭାରତୀୟ ଗୁରୁକୁଳ ଆଶ୍ରମ ଆମସେନା,<br>ଖରିଆର ରୋଡ଼, ଜି.ନୂଆପଡ଼ା |
| ୬- ପ୍ରକାଶନର ସ୍ଥାନ | :- | ଗୁରୁକୁଳ ଆଶ୍ରମ ଆମସେନା, ଖରିଆର୍ ରୋଡ଼ । |
| ୭- ମୁଦ୍ରକଙ୍କ ନାମ ଜାତୀୟତା ଠିକଣା :- | | ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ<br>ଭାରତୀୟ ଗୁରୁକୁଳ ଆଶ୍ରମ ଆମସେନା,<br>ଖରିଆର ରୋଡ଼, ଜି.ନୂଆପଡ଼ା । |
| ୮- ମୁଦ୍ରଣ | :- | ଗୁରୁକୁଳ ଆଶ୍ରମ ଆମସେନା । |
| ୯- ସ-ାଦକଙ୍କ ନାମ ଜାତୀୟତା ଠିକଣା | :- | ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ<br>ଭାରତୀୟ ଗୁରୁକୁଳ ଆଶ୍ରମ ଆମସେନା,<br>ଖରିଆର ରୋଡ଼, ଜି.ନୂଆପଡ଼ା । |
| ୧୦ - ମୁଦ୍ରକଙ୍କ ନାମ, ଜାତୀୟତା ଠିକଣା | :- | (ଉପରୋକ୍ତ)<br>: ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ<br>: ଗୁରୁକୁଳ ଆଶ୍ରମ ଆମସେନା,<br>: ପ୍ରାଚୀନ ଭାରତୀୟ ବିଦ୍ୟାସଭା । |

––୦୦––

# ନୂଆଁ ବରଷ

ଆର୍ଯ୍ୟଶ୍ରୀ କୁଞ୍ଜଦେବ ବାନପ୍ରସ୍ଥୀ

ନୂଆଁ ବରଷ କାହାର ଲାଗି ସରସରେ ଭାଇ କାହାର ଲାଗି ନୀରସ,
ସମିୟାଁକେ ଜୁଡ଼ିଦେଇ ୩୬୫ଦିନକେ ପଡୁଛେ ଗୁଟେ ଗୁଲା ବରଷ ।୧।
ସାତ୍ ଜନମ, ସାତ୍ ମରନ ସାତବାରେ ଗନ୍ତି କରା ଯାଏସି,
କାହୁଁ ପାଏଲ ନୂଆଁ ଦିନଟେ ଭାଇ, ଏକଥା କିଏ କହେସି ।୨।
ଆମର ଦେଶେ ନୂଆଁ ଦିନ ଚଇତ ପ୍ରତିପଦେ ଉଦିଆଁଥି ପଡ଼ସି,
ବିଦେଶୀମାନଙ୍କର ଜାନୁଆରୀ '୧' କାଏଁଯେ ମିଛେ ମାନସି ।୩।
କୁଶଲୀ ଦେଶ ଅସଲି ପରବ ନୂଆଁଖାଇ ପୁଷପୁନୀ ନୂଆଁବରଷ,
ସଭେଲୋକ ଉସତ୍ ଆନନ୍ଦ ଖାଇକରି ଲଡୁ, ମଡ଼ା, ଆରୁ ଗୋରସ ।୪।
ଖାଏବାର ବତର ପାଷପୁନୀକେ ଓଷୋର ବତର୍ ଲାଗ୍‌ସି ପିତା,
ରହବାର ସୁନ୍ଦର ପରଗାଁଥି ଯଦି ଯାନିଥିବ ବେଦଗୀତା ।୫।
ଇଟାକାଏଁ ବିଦେଶୀ ଢ଼ାଗ୍ର ଆମର ସଂସ୍କାର ସଂସ୍କୃତି କାହିଁଗଲା,
ଧରମ କାମ ଛାଡ଼ିକରି ଅଧରମଥି ମାତିଛୁ ସତ୍ୟ ଶାନ୍ତି ଗୁଲିଗଲା ।୬।
କିଏ ବୁଲୁଛେ ବଡ଼ଦାଦା ବିଜେଡି ଥାଉ ମୋର ନିଜର ଦାଦା ବିଜେପି,
ନୂଆଁ ବରଷର ମିଛର ରାଜନୀତି ଯଦି ଲାଗିଛେ ଦେଶୀ ବିଦେଶୀ ।୭।
ସବୁବେଳେ ଦରକାର ମନି ମୋଟର ସାଇକିଲ ଆଉ ମୁହେଁ ମୋବାଇଲ୍,
ଦୁନିଆଁସାରା ନୂଆଁଦିନେ ଖିଆପିଆ ଆଉ ମତ୍‌ଲବ୍‌ର ମାଇଲ୍ ।୮।
ବୁଡ଼ିଗଲା ନ ଇଦେଶ ଦୁନିଆଁ ଭାଇ ଖଆପିଆରେ ମାତିକରି,
ଜୁହାର କରୁଛେ ମୁଆବୁଆଗୋ ଆମର ସବୁଦିନ ଯାଉ ପ୍ରଭୁଙ୍କୁ ସୁମରି ।୯।
ଯେପରି କର୍ମକୁ ସେପରି ଫଳ ଭାଇ ଦେଖିଗ୍ରିହିଁ ତୁମେଚଲ,
ଭଲକାମେ ଭଲ ଫଳ ଲାଭ୍ ହୁଏ ମନ୍ଦକାମେ ବିଷଫଲ ।୧୦।

# ଭକତ ଭଜନ

ମାନେଶ୍ୱର ପ୍ରଧାନ

ଶୁଣ ଶୁଣ ଆରେ ଭକତ
ଆଉ କେଉଁ କାଳେ ହେବୁ ମୁକତ ।
ଦୁର୍ଲଭଜୀବନଟୁ ପାଇ ତାଜତନ ନେଉନୁତୁହି
ଜାଣିରଖ ଏ ଯେ ମାୟାର ଜଗତ
ଲାଜରେ ସଢ଼ିବୁ ତୋର ଯିବ ମହତ ।୧।
ଜୀବ ଥିବା ଯାଏ ତୋ ଦେହ
ଏ ସଂସାର ଜଞ୍ଜାଳକୁ ସହ
ତେବେ ସିନା ତୁଇ ପାଇବୁ ମୁକତି
ଭାବିଥା ମନେ ଏହା ସୁନିଶ୍ଚିତ ।୨।
କାଷ୍ଠ ପାଷାଣରେ ତୋ ଚିତ୍ତ
ବିଶ୍ୱାସ ନ ଯା ଭୂତ ପ୍ରେତ
ଏକା ଓମ୍ ନାମ ମନରେ ସତତ
ଜପ କରୁ ଥାଉ ଦିବା ନିଶିତ ।୩।
ସକାଳେ ସଞ୍ଜେ ଡାକି ଓମ୍
ଈଶ୍ୱରଙ୍କ ଏ ମୁଖ୍ୟ ନାମ
ଅହରହ ଓମ୍ ନାମକୁ ଜପିତ
ବେଳ ଥାଉ ଥାଉ କର ଶପଥ ।୪।
ପ୍ରଭୁ ଭଜନକୁ ନ ଛାଡ଼ି
ସୁମାର୍ଗ ପଥକୁ ନ ହୁଡ଼ି
ସୁମାର୍ଗରେ ଚିତ୍ତ କୁ କାମ ଛାଡ଼ତ
ତେବେ ସିନା ଆଉ ନହେବୁ ଜାତ ।୫।

**ଚନ୍ଦନାଦି ବଟୀ :-** ଶ୍ୱେତଚନ୍ଦନ, ଅଳେଇଚ, କବାବ୍‌ଚିନି, ଗନ୍ଧବିରୋଜା ସତ୍ତ୍ୱାଦି ଔଷଧି ଗୁଡ଼ିକରୁ ନିର୍ମିତ ଏହି ବଟୀ ପରିଶ୍ରାରେ ଜ୍ୱଳନ ଏବଂ ମୂତ୍ରକୃଚ୍ଛ୍ରାଦି ରୋଗରେ ଲାଭଦାୟକ ଅଟେ । ଏହାକୁ ଥରେ ସେବନ କରନ୍ତୁ ଅବଶ୍ୟ ଲାଭାନ୍ୱିତ ହେବେ ।

**ଚନ୍ଦନାସବ :-** ଏହି ଆସବ ମୂତ୍ର ଜ୍ୱଳନ, ସ୍ୱପ୍ନଦୋଷାଦି ଧାତୁ ସମ୍ବନ୍ଧୀୟ ରୋଗ, ଦୁର୍ବଳତା, ଉଷ୍ଣତା, ରକ୍ତବିକାର ଏବଂ ହୃଦ୍‌ରୋଗରେ ଅତ୍ୟନ୍ତ ଉପଯୋଗୀ ଅଟେ । ୧୫ ରୁ ୩୦ ମି.ଲି. ସମାନ ଭାଗରେ ଏହି ଆସବକୁ ଜଳରେ ମିଶ୍ରଣ କରି ଦିନକୁ ଦିଥର ଲେଖାଏଁ ଭୋଜନ ପରେ ନେବାକୁ ହେବ ।

# ମହର୍ଷି ଦୟାନନ୍ଦଙ୍କ ପ୍ରତି ସମର୍ପିତାତ୍ମା ପଣ୍ଡିତ ଗୁରୁଦତ୍ତ ବିଦ୍ୟାର୍ଥୀ

ପ୍ରେଷକ- ବିକାଶ କୁମାର ଶାସ୍ତ୍ରୀ

ପଣ୍ଡିତ ଗୁରୁଦତ୍ତ ବିଦ୍ୟାର୍ଥୀଙ୍କ ଜନ୍ମ ୧୮୬୪ ମସିହା ଏପ୍ରିଲ୍ ମାସ ତା ୨୬ ରିଖ ଦିନ ଦିଲ୍ଲୀ ରାଜ୍ୟାନ୍ତର୍ଗତ ମୁଲ୍ତାନ ସହରରେ ଅଧ୍ୟାପକ ରାମକୃଷ୍ଣଙ୍କ ଘରେ ହୋଇଥିଲା । ବାଲ୍ୟକାଳରୁ ହିଁ ତାଙ୍କର ଧାର୍ମିକ ବିଗ୍ୱରଧାରା ଥିବା ଯୋଗୁ ତାଙ୍କୁ ତାଙ୍କ ସହପାଠୀମାନେ ବୈରାଗୀ ବୋଲି କହୁଥିଲେ । ସଂସ୍କୃତ ଶିଖିବାର ଦୃଢ଼ ଇଛାଶକ୍ତି ଥିବାଯୋଗୁଁ ଆର୍ଯ୍ୟସମାଜ ପ୍ରତି ଆକୃଷ୍ଟ ହୋଇ ମହର୍ଷି ଦୟାନନ୍ଦଙ୍କ ବିଗ୍ୱରଧାରାରେ ଉଦ୍‌ବୁଦ୍ଧ ହୋଇଥିଲେ । ସ୍ୱକୀୟ ତୀବ୍ର ମେଧାବୁଦ୍ଧି ବଳରେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ସେ ଏମ୍. ଏ. ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ସର୍ବପ୍ରଥମ ସ୍ଥାନ ଲାଭ କରିଥିଲେ ତଥା  ଗଭର୍ଣ୍ଣମେଣ୍ଟ୍ କଲେଜ୍ ଲାହୌରରେ ବିଜ୍ଞାନପ୍ରଫେସର୍ ଭଳି ଗୌରବାବହ ପଦବୀକୁ ହାସଲ କରିଥିଲେ । ବିଦ୍ୟାର୍ଥୀକାଳରେ ହିଁ ସେ ବୈଦିକ ସିଦ୍ଧାନ୍ତର ପଗ୍ୱର ପ୍ରସାର ଏବଂ ଆର୍ଯ୍ୟସମାଜର ସେବାକାର୍ଯ୍ୟରେ ବହୁଳଭାବେ ସକ୍ରିୟ ହୋଇ ରହୁଥିଲେ । ପାଶ୍ଚାତ୍ୟ ଦର୍ଶନର ପ୍ରଭାବରେ ପ୍ରଭାବିତ ହୋଇ ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ତାଙ୍କର ଯେଉଁ ସଂଦେହ ଥିଲା ତାହା ମଧ୍ୟ ବୈଦିକ ବାଙ୍ମୟର ଅଧ୍ୟୟନ ଦ୍ୱାରା ନିବାରିତ ହୋଇଥିଲା । ତାଙ୍କର ତର୍କପୂର୍ଣ୍ଣ ପ୍ରବଚନ ଉଦ୍‌ବୋଧନାଦିକରୁ ପ୍ରେରିତ ହୋଇ ଅନେକ ନବଯୁବକମାନେ ବୈଦିକ ଧର୍ମରେ ଦୀକ୍ଷିତ ହୋଇଥିଲେ, ତନ୍ମଧ୍ୟରୁ ଲାଲା ଲାଜପତରାୟ ଥିଲେ ଜଣେ ଅନ୍ୟତମ । ଏପରି ଦେଖିବାକୁ ଲାଲା ଲାଜପତରାୟଙ୍କ ସହିତ ତାଙ୍କ ଘନିଷ୍ଠ ସଂପର୍କ ଥିଲା । ଲାଜ ଲାଜପତରାୟଙ୍କ ପାଖକୁ ସେ ପତ୍ରାଳାପ ମାଧ୍ୟମରେ ଈଶ୍ୱରଙ୍କ ଅସ୍ତିତ୍ୱ, ମନୁଷ୍ୟ ଜୀବନର ମହତ୍ୱ ପ୍ରଭୃତି ବିଷୟରେ ଅବଗତ କରାଉଥିଲେ । ଲାଲା ଲାଜପତରାୟଙ୍କୁ ଆର୍ଯ୍ୟସମାଜରେ ପ୍ରବେଶ କରାଇବା ପାଇଁ ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କର ମୁଖ୍ୟକାର୍ଯ୍ୟ ଥିଲା ସ୍ୱାଧ୍ୟାୟ ପ୍ରବଚନ ଓ ଆର୍ଯ୍ୟସମାଜର ପ୍ରଗ୍ୱର ପ୍ରସାର । ସେ ପାଞ୍ଚୋଟି ପୌରାଣିକ ସାଧୁ-ସନ୍ଥଙ୍କୁ ନିଜ ଘରେ ରଖି ବେଦ,ବ୍ୟାକରଣ, ଦର୍ଶନ, ଉପନିଷଦ୍‌ଗୁଡ଼ିକ ପଢ଼ାଉଥିଲେ ସେମାନଙ୍କ ମଧ୍ୟରୁ ଥିଲେ ଜଣେ କଟ୍‌ଟରପନ୍ଥୀ ପୌରାଣିକ ସାଧୁ ସ୍ୱାମୀ ଅଚ୍ୟୁତାନନ୍ଦ ସରସ୍ୱତୀ, ତାଙ୍କୁ ପାଠପଢ଼ାଇବା ସଙ୍ଗେ ସଙ୍ଗେ ମଝିରେ ମଝିରେ ଈଶ୍ୱର-ଜୀବ-ପ୍ରକୃତି ବିଷୟକ ଚର୍ଚ୍ଚା ମଧ୍ୟ କରୁଥିଲେ । ଏପରିପରସ୍ପର ବାର୍ତ୍ତାଳାପ କରୁ କରୁ ପଣ୍ଡିତଜୀ ତର୍କର ସହିତ ପ୍ରମାଣ ସହିତ ସମସ୍ତ ବିଷୟ ବସ୍ତୁକୁ ଉପସ୍ଥାପନ କରୁଥିଲେ । ଶେଷରେ ସ୍ୱାମୀ ଅଚ୍ୟୁତାନନ୍ଦ ପୌରାଣିକତାକୁ ପରିତ୍ୟାଗ କରି ଆର୍ଯ୍ୟସମାଜୀ ହୋଇଯାଇଥିଲେ

। ତାପରେ ଗୁରୁଦତ୍ତଙ୍କ ମୁଖରୁ ନିର୍ଗତ ହୋଇଥିଲା ମୋର ଯାତ୍ରା ଲାଭ ରିବାର ଥିଲା ତାହା ଲାଭ କଲି ।

୧୮୮୩ ମସିହା ଅକ୍ଟୋବର ତା ୩୦ ରିଖ ଦିନ ଆଜମେର୍‌ରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦେହାବସାନ କାଳରେ ପ୍ରଭାବୋତ୍ପାଦକ ଦୃଶ୍ୟକୁ ଅବଲୋକନ କରି ସେ ଦିନ ପାଶ୍ଚାତ୍ୟ ଶିକ୍ଷାଦାନକାରୀ ଗୁରୁମାନଙ୍କୁ ପରିତ୍ୟାଗ କରି ଋଷି ଦୟାନନ୍ଦଙ୍କୁ ଗୁରୁରୂପେ ସ୍ୱୀକାର କରି ନାସ୍ତିକରୁ ଆସ୍ତିକ ପାଲଟିଯାଇଥିଲେ । ତାପରେ ନିଜ ଶେଷଜୀବନକୁ ଆର୍ଯ୍ୟସମାଜର ସେବାକାର୍ଯ୍ୟପାଇଁ ଉତ୍ସର୍ଗ କରିଥିଲେ । ବେଦ ଅଧ୍ୟୟନ ଓ ଯୋଗ ଶିଖିବାପାଇଁ ତାଙ୍କ ହୃଦୟରେ ଏଭଳି (ଏକ) ଦୃଢ଼ ନିଷ୍ଠା ଜାଗ୍ରତ ହେଲା ଯେ ସେ ପ୍ରଫେସର ପଦବୀକୁ ତତ୍‌କ୍ଷଣାତ୍ ପରିତ୍ୟାଗ କରିଦେଇ ଥିଲେ । ଆର୍ଷଗ୍ରନ୍ଥଗୁଡ଼ିକର ଅଧ୍ୟାପନା ନିମିତ୍ତ ସେ ଏକ ବୈଦିକ ସ୍କୁଲ୍ ସ୍ଥାପନ କରିଥିଲେ ତଥା 'ବୈଦିକ ମେଗାଜିନ୍' ନାମକ ପତ୍ରିକାର ସଂପାଦନ ଓ ପ୍ରକାଶନ ମଧ୍ୟ କରିଥିଲେ । ତାଙ୍କ ରୁଚିପୂର୍ଣ୍ଣ ବିଷୟ ଥିଲା ସ୍ୱାଧ୍ୟାୟ । ସ୍ୱାଧ୍ୟାୟ ସଂପର୍କରେ ସେ କହୁଥିଲେ ମୁଁ ସତ୍ୟାର୍ଥପ୍ରକାଶକୁ ଅଠର ଥର ପାଠକଲି କିନ୍ତୁ ମୁଁ ଯେବେଥର ଏହି ଗ୍ରନ୍ଥକୁ ପଢ଼ିଛି ସେତେବେଳେ ମୁଁ ନୂତନରୁ ନୂତନ ଶିକ୍ଷାମାନ ଲାଭ କରିଛି । ସେ ଆର୍ଯ୍ୟସମାଜର ଏଭଳି ଏକ ସମର୍ପିତ କାର୍ଯ୍ୟକର୍ତ୍ତା ଥିଲେ ଯିଏକି ଆର୍ଯ୍ୟସମାଜର ପ୍ରଗ୍ରର ପ୍ରସାରରେ ସର୍ବାତ୍ମନା ସର୍ବତୋ ଭାବେ ସମର୍ପିତ ହୋଇଥିଲେ ଏପରି କି ସେ ନିଜ କୁର୍ତ୍ତାର ଆଗପଟେ ଆର୍ଯ୍ୟସମାଜର ପାଞ୍ଚୋଟି ନିୟମ ଓ ପଛପଟେ ପାଞ୍ଚୋଟି ନିୟମକୁ ଉଲ୍ଲେଖ କରି ତାକୁ ପରିଧାନକରି ବୁଲୁଥିଲେ । ଆର୍ଯ୍ୟସମାଜ ଏବଂ ବୈଦିକ ଧର୍ମର ପ୍ରଚାର ପ୍ରସାର ସେ ଏପରି କ୍ଷିପ୍ରଗତିରେ କରିବାକୁ ଲାଗିଲେ ଯାଫଳରେ ନିଜ ଶରୀରପ୍ରତି ମଧ୍ୟ ଧ୍ୟାନ ଦେଇପାରିଲେ ନାହିଁ ଫଳରେ ୧୮୮୯ ମସିହା ମାର୍ଚ୍ଚ ମାସରେ ୨୬ ବର୍ଷ ବୟସର ଅଳ୍ପାବଧିରେ ହିଁ ଆର୍ଯ୍ୟସମାଜର ଏହି ବୀରସୁପୁତ୍ରଙ୍କ ଦେହାବସାନ ଘଟିଥିଲା । ନିଜେ ହିଁ ସେ ତ୍ୟାଗ, ତପସ୍ୟା, ଧର୍ମସେବା, ଦେଶସେବା ସ୍ୱଳ୍ପକାଳୀନ ଜୀବନରେ ସମାଜସେବା ଓ ଲୋକୋପକାର କାର୍ଯ୍ୟକରି ନିଜ ସର୍ବସ୍ୱ ସମର୍ପଣ କରି ଦେଇଥିଲେ ।

ଏହି ମହାମାନବଙ୍କ ଜନ୍ମ ଜୟନ୍ତୀ ଆଗାମୀ ତା ୨୬-୪-୧୮ ରେ ଅନୁଷ୍ଠିତ ହେବାକୁ ଯାଉଛି । ଆସନ୍ତୁ ! ଏ ପବିତ୍ର ଅସବରରେ ତାଙ୍କ ମହନୀୟ ଜୀବନ ଏବଂ ପ୍ରେରକ ବ୍ୟକ୍ତିତ୍ୱରୁ ପ୍ରେରଣା ନେବା ସହିତ ତାଙ୍କର ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ସଂପନ୍ନ କରିବା ଦିଗରେ କଟିବଦ୍ଧ ହେବା ।

**ସମସ୍ତ ଦେଶବାସୀଙ୍କୁ ନବସୃଷ୍ଟି ସମ୍ବତ୍ସର ୨୦୭୫ (ହିନ୍ଦୁ ନବବର୍ଷ) ର ଗୁରୁକୁଳ ଆମସେନା ତଥା ଆଦର୍ଶ କନ୍ୟା ଗୁରୁକୁଳ ଆମସେନା ତରଫରୁ ହାର୍ଦ୍ଦିକ ଶୁଭକାମନା...............**

# ମହର୍ଷି ଦୟାନନ୍ଦଙ୍କ ପ୍ରତି ସମର୍ପିତାତ୍ମା

## ମହାତ୍ମା ହଂସରାଜ

ପ୍ରେଷକ- ହୃଷିକେଶ ଆର୍ଯ୍ୟ

ଶ୍ରୀ ହଂସରାଜଙ୍କ ଜନ୍ମ ପଞ୍ଜାବ ପ୍ରାନ୍ତର ହୋଶିୟାରପୁର ଜିଲ୍ଲାନ୍ତର୍ଗତ ବଜବାଡ଼ା ନାମକ ସହରରେ ୧୮୬୪ ମସିହା ଏପ୍ରିଲ୍ ତା ୧୯ ରିଖରେ ଲାଲା ଚୁନ୍ନୀଲାଲ୍‌ଙ୍କ ଗୃହରେ ହୋଇଥିଲା । ସେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ. ଉପାଧିରେ ଭୂଷିତ ହୋଇଥିଲେ । ସେ ସମୟରେ ତାହା ଥିଲା ଏକ ଗୌରବାବହ ବିଷୟ । ଏଣୁ ସରକାରୀ ଚାକିରି ପାଇଁ ତାଙ୍କ ମାର୍ଗ ପରିଷ୍କାର ଥିଲା କିନ୍ତୁ ସେ ଦେଶସେବା ଓ ସମାଜସେବାରେ ନିଜ ଜୀବନକୁ ଉତ୍ସର୍ଗ କରିବାପାଇଁ ଚାହୁଁଥିଲେ । ତାଙ୍କ ଜ୍ୟେଷ୍ଠଭ୍ରାତା ତାଙ୍କୁ ଆଶ୍ୱାସନା ଦେଲେ ଯେ ଘର ଚଲାଇବା ପାଇଁ ମୁଁ ଆର୍ଥିକ ଦାୟିତ୍ୱ ତୁଲେଇବି, ତେଣୁ ସେ ନିଶ୍ଚିନ୍ତ ମନରେ ଲାହୌର ଆର୍ଯ୍ୟସମାଜର ସଭାପତିଙ୍କୁ ଜଣେଇଲେ ଯେ ମହର୍ଷି ଦୟାନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯେଉଁ ଦୟାନନ୍ଦ ଏଂଗ୍ଲୋ ବୈଦିକ କଲେଜ ସ୍ଥାପନ କରାଯାଉଛି ସେଠରେ ମୁଁ ଅବୈତନିକ ସେବା କରିବାପାଇଁ ପ୍ରସ୍ତୁତ ଅଛି । ତଦନୁସାରେ ୧୮୮୬ ମସିହାରେ ଉଦ୍‌ଘାଟିତ୍ ଡି.ଏ.ଭି. ସ୍କୁଲରେ ତାଙ୍କୁ ପ୍ରଧାନଶିକ୍ଷକଭାବେ ନିଯୁକ୍ତି କରାଯାଇଥିଲା । ପରବର୍ତ୍ତୀ ସମୟରେ ତାଙ୍କୁ ଡି.ଏ.ଭି. କଲେଜ୍‌ରେ ଆଚାର୍ଯ୍ୟ ପଦବୀରେ ନିୟୋଜିତ କରାଯାଇଥିଲା ।

ସେ ଡି.ଏ.ଭି. ସଂସ୍ଥାଗୁଡିକର ଉନ୍ନତି ନିମିତ୍ତ ନିଜ ଜୀବନକୁ ସର୍ବତୋଭାବେ ତିଳାଞ୍ଜଳି ଦେଇଥିଲେ । ସେ ଆର୍ଯ୍ୟସମାଜ ଲାହୌର ଏବଂ ଆର୍ଯ୍ୟପ୍ରତିନିଧି ସଭା ପଞ୍ଜାବର ସଭାପତି ମଧ୍ୟ ଥିଲେ । ୧୯୩୮ ମସିହା ନଭେମ୍ବର ମାସ ତା ୧୫ରିଖ ଦିନ ତାଙ୍କ ଦେହାବସାନ ଘଟିଥିଲା । ତାଙ୍କ ସେବା ମନୋବୃତ୍ତି ତ୍ୟାଗ, ତପସ୍ୟା ଓ ସରଳତା ଯୋଗୁଁ ଲୋକେ ତାଙ୍କୁ ମହାତ୍ମା ବୋଲି ସମ୍ବୋଧନ କରୁଥିଲେ । ସମାଜ ସେବା, ଧର୍ମପ୍ରଚାର ଓ ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ତାଙ୍କର ଯେଉଁ ମହତ୍ୱପୂର୍ଣ୍ଣ ଅବଦାନ ରହିଛି ତାହା ସବୁଦିନପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଆସନ୍ତୁ ! ତାଙ୍କ ଜୀବନରୁ ପ୍ରେରଣା ଲାଭକରି ଆମ୍ଭେମାନେ ମଧ୍ୟ ନିଜ ଜୀବନକୁ ସୁମାର୍ଗରେ ପରିଚାଳିତ କରିବା ବେଦରେ କଥିତ ଅଛି **"ଅଗ୍ନିନାଗ୍ନିଃ ସମିଧ୍ୟତେ"** ଅଗ୍ନିରୁ ଅଗ୍ନି ପ୍ରଜ୍ୱଳିତ ହୁଏ ଅର୍ଥାତ୍ ଜୀବନରୁ ଜୀବନପଥ ପ୍ରଶସ୍ତ ହୋଇଥାଏ । ପରିଶେଷରେ କହିବାକୁ ହେବ ଯେ ଏମହାମାନବଙ୍କ ଜୀବନରୁ ପ୍ରେରଣା ଗ୍ରହଣ କରି ମହର୍ଷି ଦୟାନନ୍ଦଙ୍କ ସ୍ୱପ୍ନକୁ ସାକାର ରୂପରେଖ ଦେବାପାଇଁ ଯତ୍ନଶୀଳ ହେବା ।

# ଆଶ୍ରମ ଦ୍ୱାରା ନିର୍ମିତ ବିଶୁଦ୍ଧ ଔଷଧ ଏବଂ ପ୍ରକାଶିତ ପୁସ୍ତକ

| | |
|---|---|
| ୧. ଅତି ବିଶିଷ୍ଟ ଚ୍ୟବନପ୍ରାଶ. ୧.କି.ଗ୍ରା. | ୨୨୦୦ |
| ଚ୍ୟବନପ୍ରାଶ ୧.କି.ଗ୍ରା. | ୨୫୦ |
| " ୫୦୦ ଗ୍ରା. | ୧୩୦ |
| ୨. ବ୍ରାହ୍ମୀ ଅଁଳା ତେଲ | ୪୦ |
| ୩. ବିଶେଷ ବଳଦାମୃତ | ୧୨୦ |
| ୪. କୁମାର୍ଯ୍ୟାସବ | ୭୦ |
| ୫. ବଳାରିଷ୍ଟ | ୭୦ |
| ୬. ମହିଳାମୃତପେୟ | ୭୦ |
| ୭. ପତ୍ରାଙ୍ଗାସବ | ୭୦ |
| ୮. ଅର୍ବୁଦହର ପେୟ | ୭୦ |
| ୯. ଆଶ୍ରମ ଗୃ ୧୦୦ ଗ୍ରା. | ୨୦ |
| ୧୦. ସିତୋପଲାଦି ଚୂର୍ଣ୍ଣ | ୬୦ |
| ୧୧. ଅର୍କ ଲବଣ | ୪୦ |
| ୧୨.ଅବିପତ୍ତିକର ଚୂର୍ଣ୍ଣ | ୬୦ |
| ୧୩. ବସନ୍ତକୁସୁମାକର ରସ -୧ଗ୍ରା. | ୪୦୦ |
| ୧୪. ଯୋଗେନ୍ଦ୍ର ରସ | ୪୩୦ |
| ୧୫. ବୃହଦ୍ ବାତଚିନ୍ତାମଣି ରସ-୧ଗ୍ରା. | ୪୫୦ |
| ୧୬. କୁମାର କଲ୍ୟାଣ ରସ | ୪୭୦ |
| ୧୭. ସୁପାରି ପାକ | ୭୦ |
| ୧୮. ଧାତୁ ପୌଷ୍ଟିକ ଚୂର୍ଣ୍ଣ | ୫୦ |
| ୧୯. ଗୈସାନ୍ତକ ରସ | ୫୦ |
| ୨୦. ଆଶ୍ରମ ଦନ୍ତମୁକ୍ତା | ୫୦ |
| ୨୧. ରସରାଜରସ | ୪୩୦ |
| ୨୨. ଚନ୍ଦ୍ରପ୍ରଭା ବଟୀ | ୪୦ |
| ୨୩. ଶୁଳବଜ୍ରିଣୀ ବଟୀ | ୪୦ |
| ୨୪. ଇନ୍ଦ୍ରାୟଣ ବଟୀ | ୪୦ |
| ୨୫. ଲକ୍ଷ୍ମୀବିଳାସ ରସ | ୫୦ |
| ୨୬. ସୋମନାଥ ରସ | ୨୩୦ |

# ଆମର ଓଡ଼ିଆ ପ୍ରକାଶନ

| | |
|---|---|
| ୧. ସତ୍ୟାର୍ଥ ପ୍ରକାଶ (ପୂର୍ବାର୍ଦ୍ଧ, ଉତ୍ତରାର୍ଦ୍ଧ) | ୧୧୦.୦୦ |
| ୨.ଋଗ୍‌ବେଦାଦି ଭାଷ୍ୟଭୂମିକା | ୧୦୦.୦୦ |
| ୩. ସଂସ୍କାର ବିଧି | ୩୦.୦୦ |
| ୪. ଭ୍ରାତୃ ଭକ୍ତି | ୩୦.୦୦ |
| ୫. ଆର୍ଯ୍ୟାଭିବିନୟ | ୫୦.୦୦ |
| ୬. ଆଧ୍ୟାତ୍ମ ସରୋବର | ୨୦.୦୦ |
| ୭. ମହର୍ଷି ଦୟାନନ୍ଦଙ୍କର ସଂକ୍ଷିପ୍ତ ଜୀବନ ଚରିତ୍ର - | ୧୦.୦୦ |
| ୮. ସୁଖୀ ଗୃହସ୍ଥ | ୧୦.୦୦ |
| ୯. ଯୋଗାସନ ପ୍ରାଣାୟାମ | ୧୫.୦୦ |
| ୧୦. ସରଳ ଚିକିତ୍ସା ପଦ୍ଧତି | ୧୦.୦୦ |
| ୧୧. ଆଧ୍ୟାତ୍ମିକ ଗଳ୍ପମାଳା | ୫୦.୦୦ |
| ୧୨. ସ୍ୱାସ୍ଥ୍ୟରମହାନ୍ ଶତ୍ରୁ ଅଣ୍ଡା | ୫.୦୦ |
| ୧୩. ଆଧ୍ୟାତ୍ମିକ ସନ୍ଦେଶ | ୩୫.୦୦ |
| ୧୪. ବ୍ୟବହାର ଭାନୁ | ୧୨.୦୦ |
| ୧୫. ମାଂସ କଣ ମନୁଷ୍ୟର ଭୋଜନ | ୬.୦୦ |
| ୧୬. ବ୍ରହ୍ମଚର୍ଯ୍ୟ ହିଁ ଜୀବନ | ୧୫.୦୦ |

**"ସ୍ୱାଧ୍ୟାୟାନ୍ମା ପ୍ରମଦଃ"**

ସ୍ୱାଧ୍ୟାୟ କରିବାପାଇଁ ପ୍ରମାଦ (ଆଳସ୍ୟ) କରନ୍ତୁନାହିଁ।









କନ୍ୟା ଗୁରୁକୁଳ ମହାବିଦ୍ୟାଳୟ ପଂଚଗାଁ ର ବାର୍ଷିକ ମହୋତ୍ସବ



ଶାନ୍ତି ଆଶ୍ରମ ଲୋହରଦଗା




ଗୁରୁକୁଳରେ ଡା. ସଂଜୟ ସାହୁ ଜୀ ଙ୍କ ସ୍ୱାଗତ

R.N.I. No. ORIORI/2000/1950 P.R.No. Kalahandi/03/2016-2018



॥ ଓ୩ମ୍ ॥

ଆଜକୁ ୫୦ ବର୍ଷ ହେବ ମାନବ ସେବାରେ ଅହର୍ନିଶ ସଂଲଗ୍ନ
ଆର୍ଷ ପାଠବିଧିର ନିଃଶୁଳ୍କ ଶିକ୍ଷା ତଥା ସୁସଂସ୍କାରଦ୍ୱାରା
ଜଡିତ ଏକମାତ୍ର ଦିବ୍ୟମାନବ ନିର୍ମାଣ କେନ୍ଦ୍ର

# ମହାବିଦ୍ୟାଳୟ ଗୁରୁକୁଳ ଆଶ୍ରମ ଆମସେନା

## ଲିଖିତ ପ୍ରବେଶ ପରୀକ୍ଷା ତିଥି
## ମଇ-ଜୁନ୍ ୨୦୧୮ (ପ୍ରତ୍ୟେକ ରବିବାର)

### ପ୍ରଥମେ ଆସନ୍ତୁ, ନିଜ ଯୋଗ୍ୟତା ଦେଖାନ୍ତୁ ପ୍ରବେଶ କରି ଭବିଷ୍ୟତ ଗଠନ କରନ୍ତୁ

୧- ଆଦର୍ଶ ଦିନଚର୍ଯ୍ୟା ଏବଂ କଠୋର ଅନୁଶାସନ ।
୨- ଛାତ୍ରାବାସରେ ନିଶ୍ଚିତଭାବେ ଅବସ୍ଥାନ ।
୩- ସୁଶିକ୍ଷିତ ଓ ସୁଯୋଗ୍ୟ ଅଧ୍ୟାପକ ।
୪- ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀଣ ବିକାଶ ।
୫- ମେଧାବୀ ବିଦ୍ୟାର୍ଥୀଙ୍କ ନିମିତ୍ତ ଛାତ୍ରବୃତ୍ତି ।
୬- ପ୍ରତ୍ୟହ ଯଜ୍ଞ, ଯୋଗ, ସନ୍ଧ୍ୟା, ଆସନ-ପ୍ରାଣାୟାମ ଓ ବ୍ୟାୟାମ ।
୭- ଶୁଦ୍ଧ ସାତ୍ୱିକ ଏବଂ ପୌଷ୍ଟିକ ଭୋଜନ ତଥା ଧାରୋଷ୍ଣ ଦୁଗ୍ଧ ସେବନ ।
୮- ଉତ୍ତମ ସ୍ୱାସ୍ଥ୍ୟ ନିମିତ୍ତ ବିଶେଷ ଚିକିତ୍ସା ସୁବିଧା ।
୯- ପ୍ରଦୂଷଣ ଓ ବ୍ୟଗ୍ରତା ରହିତ ଖୋଲା ପ୍ରାକୃତିକ ବାତାବରଣ ।
୧୦- ଓଡିଶା ସରକାରଙ୍କଦ୍ୱାରା ଆବାସିକ କୁସ୍ତି ନର୍ସରୀ ।
୧୧- ସ୍ୱାବଲମ୍ବୀ ସଂସ୍କାର ଯୁକ୍ତ ବ୍ୟବସ୍ଥିତ ଜୀବନ ।
୧୨- ବିସ୍ତୃତ କ୍ରୀଡାସ୍ଥଳୀ ଏବଂ ସୁଯୋଗ୍ୟ ଖେଳ ପ୍ରଶିକ୍ଷଣ ।
୧୩- ନୈତିକ, ଚାରିତ୍ରିକ ଏବଂ ଆଧ୍ୟାତ୍ମିକ ବିକାଶ ।
୧୪- ପଞ୍ଚ ସହସ୍ରାଧିକ ପୁସ୍ତକର ବିଶାଳ ପୁସ୍ତକାଳୟ ।
୧୫- କମ୍ପ୍ୟୁଟର୍ ପ୍ରଶିକ୍ଷଣ, ଔଷଧ ପେକିଂ, ପୁସ୍ତକ ବାଇଣ୍ଡିଂ ଓ ସ୍କ୍ରିନ୍ ।
୧୬- ଭାଷଣ, ଗାୟନ ଓ ବାଦନର କ୍ରିୟାତ୍ମକ ଅଭ୍ୟାସ ।

ନୋଟ- ଓଡିଆ ମେଟ୍ରିକର ପରୀକ୍ଷା ମଧ୍ୟ ଏଠାରେ ଉପଲବ୍ଧ

**ଏଣୁ ସଂସ୍କାର ଯୁକ୍ତ ଦିବ୍ୟ ସନ୍ତାନ ନିର୍ମାଣ ପାଇଁ ନିଜ ନିଜର ପୁତ୍ର ଓ କନ୍ୟାଙ୍କୁ ଗୁରୁକୁଳରେ ପ୍ରବେଶ କରାନ୍ତୁ ।**

Sai Unique 9300609014

ନିବେଦନ
**ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ**
ସଞ୍ଚାଳକ, ଗୁରୁକୁଳ ଆଶ୍ରମ ଆମସେନା

ପ୍ରାପ୍ତେଷୁ,
.............................................
.............................................
.............................................

ପ୍ରତିଖଣ୍ଡ ୧୦ ଟଙ୍କା ବାର୍ଷିକ ୧୦୦ ଟଙ୍କା ଆଜୀବନ ୧୦୦୦ ଟଙ୍କା
ମୁଖ୍ୟ ସମ୍ପାଦକ : ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ଗୁରୁକୁଳ ଆଶ୍ରମ ଆମସେନା ଆନୁକୂଲ୍ୟରେ ସାରଦା ଅଫ୍‌ସେଟ୍ ପ୍ରିଣ୍ଟର୍ସ, ଗ୍ରାମ- ଡୁଣ୍ଡା, ସେଜ୍‌ବହାର ରୋଡ୍, ରାୟପୁରଦ୍ୱାରା ମୁଦ୍ରିତ କରାଇ ପ୍ରକାଶିତ ମଧ୍ୟ କରିଛନ୍ତି । ପ୍ରକାଶକ:ଗୁରୁକୁଳ ଆଶ୍ରମ, ଆମସେନା, ଖରିଆର୍ ରୋଡ୍, ନୂଆପଡ଼ା (ଓଡ଼ିଶା)